ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.107 Bhubaneswar Tuesday June 07 2022 | ୨୫ତମ ବର୍ଷ ସଂଖ୍ୟା-୧୦୭ ଭୁବନେଶ୍ୱର, ମଙ୍ଗଳବାର, ଜୁନ ୦୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଓଡିଶାରେ ବେଆଇନ ଖଣି କାରବାର: ସୁପ୍ରିମକୋର୍ଟ ଖପ୍ପା, ୬ ମାସ ସୁଦ୍ଧା ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ



ଭୁବନେଶ୍ୱର,୬।୬(ପି.ଏନ): ଓଡିଶାରେ କେତେକ ଖଣି କମ୍ପାନୀ କୋର୍ଟଙ୍କ 'ସ୍ଥିତାବସ୍ଥା' ନିର୍ଦ୍ଦେଶ ଆଳରେ ବେଆଇନ ଖଣି ଖନନ କରୁଥିବା ନେଇ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ଏଭଳି ମାମଲାଗୁଡିକର ନିଷ୍ପତ୍ତି ଓ ସମାଧାନ ପାଇଁ ଓଡିଶା ହାଇକୋର୍ଟଙ୍କୁ ୬ ମାସ ସମୟ ଦେଇଛନ୍ତି ।ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଏମଆର ଶାହ ଓ ଜଷ୍ଟିସ ଅନିରୁଦ୍ଧ ବୋଷଙ୍କ ଅବକାଶକାଳୀନ ଖଣ୍ଡପୀଠ ଆଜି ବାଲେଶ୍ୱର ଆଲଏଜ୍ ଲିଃ ପକ୍ଷରୁ ଦାଏର ଆବେଦନ ଉପରେ ଶୁଣାଣି କରି କହିଛନ୍ତି ଯେ, କର୍ତ୍ତୃପକ୍ଷଙ୍କଠୁ ଜଙ୍ଗଲ ଅନୁମତି ନଥାଇ ଏସବୁ ଖଣି କମ୍ପାନୀଗୁଡିକ ବେଆଇନ ଭାବେ ଖନନ କରୁଛନ୍ତି । ବିବାଦ ଉପରେ ହାଇକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶ ଥିବା ଆଳ ଦେଖାଇ ସେମାନେ ଏଭଳି ବେଆଇନ ଖନନ କରୁଛନ୍ତି । ତେବେ ଜଙ୍ଗଲ ଅନୁମତି ବିନା କିଭଳି ହାଇକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶ ବଳରେ ଖଣି ଖନନ କରାଯାଉଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି । ଓଡିଶା ହାଇକୋର୍ଟଙ୍କ 'ସ୍ଥିତାବସ୍ଥା' ନିର୍ଦ୍ଦେଶ ଅବଧିକୁ ବୃଦ୍ଧି କରିବାକୁ ବାଲେଶ୍ୱର ଆଏଲଜ୍ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିବାରୁ ତା'ର ପ୍ରତିବାଦରେ କମ୍ପାନୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ।ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ସ୍ୱଷ୍ଟ କରିଛନ୍ତି ଯେ, ଜଙ୍ଗଲ ଅନୁମତି ବିନା ଖଣି ଖନନ ଓ ଉତ୍ତୋଳନ କରାଯିବା ବେଆଇନ । ଜଙ୍ଗଲ ମଞ୍ଜୁରୀ (ଫରେଷ୍ଟ କ୍ଲିଅରାନ୍ସ) ନଥାଇ ଖଣି ଖନନ କିମ୍ବା ଉତ୍ତୋଳନ ପାଇଁ ଅନୁମତି ଦିଆଯାଇପାରିବ ନାହିଁ । ଏହାସହିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ରାୟକୁ ନେଇ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ,ହାଇକୋର୍ଟ ଏଭଳି 'ସ୍ଥିତାବସ୍ଥା' ବଜାୟ ରଖିବାକୁ ରାୟ ଦେଉଥିବାରୁ ଖଣି କାର୍ଯ୍ୟ ଜାରି ରଖିବାକୁ ଅନୁମତି ମିଳିଯାଉଛି । ଏହା ନିଃସନ୍ଦେହ ଯେ, ଆବେଦନକାରୀ କମ୍ପାନୀ ବାଲେଶ୍ୱର ଆଏଲଜ୍ ଲିଃ ପାଖରେ ବର୍ତ୍ତମାନ ସମୟରେ ଜଙ୍ଗଲ ମଞ୍ଜୁରୀ ନାହିଁ । ଆଉ ଜଙ୍ଗଲ ମଞ୍ଜୁରୀ ଆବେଦନ ବିଚାରାଧୀନ ଥିବାକୁ ଖଣି ଖନନ ପାଇଁ ଜଙ୍ଗଲ ଅନୁମତି ମିଳିଯାଇଛି ବୋଲି କଦାପି ବିଚାର କରାଯାଇ ପାରିବ ନାହିଁ । ହାଇକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଆଳ ଦେଖାଇ ଆବେଦନକାରୀଙ୍କୁ ବିନା ଜଙ୍ଗଲ ମଞ୍ଜୁରୀରେ ଖଣି ଖନନ ଓ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ । ସ୍ଥିତାବସ୍ଥା ଅବଧିକୁ ବୃଦ୍ଧି ନକରି ହାଇକୋର୍ଟ ଉଚିତ୍ ପଦକ୍ଷେପ ନେଇଛନ୍ତି । ତେବେ ହାଇକୋର୍ଟ ଯେଉଁ ସବୁ ଖଣି ମାମଲାରେ ସ୍ଥିତାବସ୍ଥା ଜାରି ରହିଛି ସେଗୁଡିକର ଆଜିଠୁ ୬ମାସ ମଧ୍ୟରେ ଶୁଣାଣି କରି ତା'ର ନିଷ୍ପତ୍ତି ଓ ସମାଧାନ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି । ଏହାସହିତ ଏସଏଲପିକୁ ଖାରଜ କରିଦେଇଛନ୍ତି ଓ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏହି ରାୟ ଅବଗତ କରାଇବାକୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।




ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପାରାଦୀପଠାରେ ଏନସିଆଇ ପକ୍ଷରୁ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟଅତିଥି କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ରାଜ୍ୟ ମନ୍ତ୍ରୀ ଶ୍ରୀ ଶାନ୍ତନୁ ଠାକୁର, ମୁଖ୍ୟବକ୍ତା ବିଜେଡ଼ି ରାଜ୍ୟସଭା ସାଂସଦ ଡକ୍ଟର ସୁଜିତ୍ କୁମାର, ସମ୍ମାନନୀୟ ଅତିଥି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ସଚିବ ଶ୍ରୀ ମଧୁସୂଦନ ଦାସ ଏବଂ ଅନ୍ୟ ଅତିଥି ବୃନ୍ଦ

## ବାରବାଟୀରେ ମ୍ୟାଚ୍ ଦେଖିବେ ମୁଖ୍ୟମନ୍ତ୍ରୀ , କିଣିଲେ ପ୍ରଥମ ଟିକେଟ୍

ଭୁବନେଶ୍ୱର, ୬।୬(ପି.ଏନ): କଟକ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଜୁନ୍ ୧୨ ତାରିଖରେ ଖେଳାଯିବାକୁ ଥିବା ଟି- ଟ୍ୱେଂଟି ଆନ୍ତର୍ଜାତିକ ମ୍ୟାଚ୍ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଟିକେଟ କିଣିଛନ୍ତି । ଓଡିଶା କ୍ରିକେଟ ଆସୋସିଏସନର ସଭାପତି ପଙ୍କଜ ଲୋଚନ ମହାନ୍ତି, ସଂପାଦକ ସଞ୍ଜୟ ବେହେରା ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଟିକେଟ ପ୍ରଦାନ କରିଛନ୍ତି ।ଏହି ଅବସରରେ ୫-ଟି ସଚିବ ଭି.କେ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ । ଏଚଡିଏଫସି ବ୍ୟାଙ୍କର ଜୋନାଲ ହେଡ୍ ଦୀପକ ସିଂହ ଓ ଉପାଧ୍ୟକ୍ଷ ଅନିମେଶ ବିଶ୍ୱାଳ ଉପସ୍ଥିତ ଥିଲେ । ଏହି ଅବସରରେ ଓଡିଶା କ୍ରିକେଟ ଆସୋସିଏସନ ସଂପାଦକ ସଞ୍ଜୟ ବେହେରା ବାରବାଟୀ ମ୍ୟାଚ୍ ପାଇଁ ଟିକେଟ ବିକ୍ରି ସୁବ୍ୟବସ୍ଥିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ ।

## ସିଡାକ ଓ ନାବକନ୍ସ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

ଭୁବନେଶ୍ୱର, ୬।୬(ପି.ଏନ): ସିଡାକର ସଭାଗୃହରେ ନାବାର୍ଡ କନ୍‌ସଲଟାନ୍ସି ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ (ନାବ୍‌କନ୍ସ) ସହିତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍)ର ଏକ ଚୁକ୍ତିନାମା ଆଜି ପୂର୍ବାହ୍ନରେ ସ୍ୱାକ୍ଷରିତ ହୋଇଯାଇଛି । ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ରଙ୍କ ଉପସ୍ଥିତିରେ ନାବକନ୍ସ ପକ୍ଷରୁ ସାଧାରଣ ପରିଚାଳକ ବିଭୂତି ଭୂଷଣ ସାହୁ ଏବଂ ସିଡାକ୍ ପକ୍ଷରୁ ମେମ୍ବର ସେକ୍ରେଟାରୀ ଶିଶିର କୁମାର ରଥ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ । ନାବକନ୍ସର ସହଭାଗିତାରେ ରାଜ୍ୟରେ ବିଭିନ୍ନ ହସ୍ତଶିଳ୍ପ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ଏହି ଚୁକ୍ତିର ମୂଳ ଉଦ୍ଦେଶ୍ୟ। ଅନ୍ୟମାନଙ୍କ ମଧ୍ୟରେ ନାବକନ୍ସର ସହ ସାଧାରଣ ପରିଚାଳକ ଅକ୍ଷୟ କୁମାର ଚୌଧୁରୀ ଏବଂ ବରିଷ୍ଠ ପରାମର୍ଶଦାତା କୁମାରୀ ଶ୍ରାବଣୀ ହାଲଦାର ଉପସ୍ଥିତ ରହିଥିବାବେଳେ ସିଡାକ୍ ପକ୍ଷରୁ ସହନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ଓ ପ୍ରକଳ୍ପ ସଂଯୋଜକ ଅଶୋକ କୁମାର ଚିନରା ଉପସ୍ଥିତ ଥିଲେ ।

## ୨ କୋଟିର ବ୍ରାଉନସୁଗାର ଜବତ

ଭୁବନେଶ୍ୱର, ୬।୬(ପି.ଏନ): ଭୁବନେଶ୍ୱରରୁ ୨ କେଜି ୫୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି । ଏହି ମାମଲାରେ ଏସଟିଏଫ ୩ ଜଣଙ୍କୁ ଗିରଫ କରିଛି । ଭୁବନେଶ୍ୱର ଏମ୍ସ ନିକଟରେ ବିକ୍ରି ପାଇଁ ଡିଲ୍ ବେଳେ ଏସଟିଏଫ ଏହି ବ୍ରାଉନ ସୁଗାରକୁ ଜବତ କରିଛି । ଗିରଫ ୩ ଅଭିଯୁକ୍ତ ଖୋର୍ଦ୍ଧା ଜିଲ୍ଲା ରଣସିଂହପୁର, ଖଣ୍ଡଗିରି ଓ ବାଲିପାଟଣାର ବୋଲି ଜଣା ପଡିଛି ।



## ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ନୂଆମନ୍ତ୍ରୀ

ପୁରୀ, ୬।୬(ପି.ଏନ): ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ରାଜ୍ୟ ମନ୍ତ୍ରୀ ମଣ୍ଡଳର କ୍ୟାବିନେଟ ମନ୍ତ୍ରୀ ଟୁକୁନି ସାହୁ, ପ୍ରମିଳା ମଲ୍ଲିକ, ପ୍ରଦୀପ ଅମାତ, ଅତନୁ ସବ୍ୟସାଚୀ ନାୟକ, ପ୍ରଫୁଲ୍ଲ ମଲ୍ଲିକ ଓ ରାଷ୍ଟ୍ର ମନ୍ତ୍ରୀ ଶ୍ରୀକାନ୍ତ ସାହୁ। ଏମାନଙ୍କ ସହ ଅନୁଗୁଳ ବିଧାୟକ ରଜନୀକାନ୍ତ ସିଂହ ମଧ୍ୟ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମହାପ୍ରଭୁ ଆମ ଆରାଧ୍ୟ ଦେବତା। ତାଙ୍କ ବିନା କିଛି ହୋଇପାରିବ ନାହିଁ। ମନ୍ତ୍ରୀ ଭାବେ ନୂତନ ଦାୟିତ୍ୱ ନେବା ପରେ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ କାର୍ଯ୍ୟ ଆରମ୍ଭ କରିବି। ଆଗକୁ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଥିବାରୁ ଏହାକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସବୁ ପଦକ୍ଷେପ ନେଇଥିବା କହିଛନ୍ତି ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ସେହିପରି ଭକ୍ତଙ୍କ ପାଇଁ ଚାଲିଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ପ୍ରଶଂସା କରି ଏହା ଶୀଘ୍ର ଶେଷ ହେଲେ ଭକ୍ତଙ୍କ ସୁବିଧାରେ ଆସିପାରିବ ବୋଲି ଦର୍ଶନ ପରେ ପ୍ରତିକ୍ରିୟା ଦେଇ କ୍ୟାବିନେଟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି।ବରିଷ୍ଠ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପରେ ସେ ବେଶ୍ ଆନନ୍ଦିତ। ସମସ୍ତ ଓଡିଶା ବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ପ୍ରଗତି ଓ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିବି ବୋଲି ଶ୍ରୀ ଅମାତ କହିଛନ୍ତି। ରାଜ୍ୟ ସରକାର ଉଭୟ ଯୁବ ଓ ଅଭିଜ୍ଞ ବ୍ୟକ୍ତିଙ୍କୁ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ସେ ମନ୍ତ୍ରୀ ହୋଇଥିବାରୁ ବେଶ ଖୁସି। ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ରାଜ୍ୟରେ ଶ୍ରମ ବିଭାଗକୁ ସେ କ୍ରୀୟାଶୀଳ କରିବେ ବୋଲି ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ କହିଛନ୍ତି। ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ପୂର୍ବ ପରି ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ପ୍ରାଧାନ୍ୟ ଦେଇଛନ୍ତି। ରଥଯାତ୍ରା ପାଇଁ ମୋ ବିଭାଗର ଯାହା କାର୍ଯ୍ୟ ରହିଛି ତାହା କରାଯିବ। ରାଜ୍ୟରେ ପ୍ରତିଟି କାର୍ଯ୍ୟ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ କରାଯାଏ ବୋଲି ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ କହିଛନ୍ତି।

## ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଶିଳ୍ପ ବିଭାଗ ପରିଦର୍ଶନ

ଭୁବନେଶ୍ୱର, ୬।୬(ପି.ଏନ): ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ, ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଆଜି ପୂର୍ବାହ୍ନରେ ଖାରବେଳ ଭବନସ୍ଥିତ ଶିଳ୍ପ ବିଭାଗ ପରିଦର୍ଶନରେ ଆସି ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ପରିଚୟ ହୋଇଛନ୍ତି। ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ତାଙ୍କୁ ବିଭାଗ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରେ ବିଭାଗର ସମ୍ମିଳନୀ କକ୍ଷଠାରେ ସେ ବିଭାଗର ଅଧିକାରୀମାନଙ୍କ ସହ ପରିଚିତ କରାଇଥିଲେ। ଏହି ଅବସରରେ ଅନୌପଚାରିକ ଭାବେ ସେ ଶିଳ୍ପ ବିଭାଗ ଅନ୍ୟ ବିଭାଗଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରି ବିଭାଗର କାର୍ଯ୍ୟଧାରାକୁ ଅଧିକ ଶାଣିତ ଓ ଆଖିଦୃଶିଆ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ସେ ନିଜକୁ ବିଭାଗର ସମସ୍ତ କାର୍ଯ୍ୟକ୍ରମରେ ସାମିଲ କରି ମୁଖ୍ୟମନ୍ତ୍ରୀଙ୍କ ୬-'ଟି' କାର୍ଯ୍ୟଧାରା ଅନୁସାରେ ଏଣିକି କ୍ଷେତ୍ର ପରିଦର୍ଶନ ଉପରେ ଅଧିକ ଜୋର ଦେବେ ବୋଲି କହିଥିଲେ ।ପ୍ରମୁଖ ସଚିବ ଶ୍ରୀ ଶର୍ମା ବିଭାଗ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଆୟୋଜନ ପାଇଁ ପ୍ରସ୍ତୁତି ଚଳାଇଥିବା ପ୍ରକାଶ କରିଥିଲେ। ନିକଟରେ ବିଭାଗ ତରଫରୁ କୋଏମ୍ବାଟୁରର ପୋଷାକ ଶିଳ୍ପ ଏବଂ ଲାଇଟିଂ ଇଂଜିନିୟରିଂ ଶିଳ୍ପ ଓ କୋଲକାତାର ପ୍ରେଟ୍ରୋକେମିକାଲ ଶିଳ୍ପକୁ ଓଡ଼ିଶାରେ ତାଙ୍କର ଶିଳ୍ପ ପ୍ରତିଷ୍ଠା କରିବାକୁ ଆମନ୍ତ୍ରଣ ନିମନ୍ତେ ଉଦ୍ୟମ କରୁଥିବା ଦର୍ଶାଇଥିଲେ। ଏଥି ସହିତ ପ୍ରତିମାସ ଜିଲ୍ଲା ସ୍ତରରେ 'ଇଣ୍ଡଷ୍ଟ୍ରିଜ୍ କେୟାର' କାର୍ଯ୍ୟକ୍ରମ ମାଧ୍ୟମରେ ଶିଳ୍ପ ସଂସ୍ଥାଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ କରାଯାଉଥିବା ସେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଅତିରିକ୍ତ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଇଡ୍‌କୋର ସିଜିଏମ୍ (ଲ୍ୟାଣ୍ଡ) ବିଜୟ କୁମାର ଦାସ, ସିଜିଏମ୍ (ଅର୍ଥ) ଅଶ୍ୱିନୀ କୁମାର ବିଶ୍ୱାଳ, ସିଜିଏମ୍ ସରୋଜ କୁମାର ମହାନ୍ତି, ଅଶୋକ କୁମାର ମିଶ୍ରଙ୍କ ସମେତ ସମସ୍ତ ମୁଖ୍ୟ ସାଧାରଣ ପରିଚାଳକମାନେ ଯୋଗଦେଇଥିଲେ ।

## ବିଦେଶ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୬(ପି.ଏନ): ଆସନ୍ତା ଜୁନ୍ ୨୮ରେ ବିଦେଶ ଯିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘ ୧୦ ବର୍ଷ ପରେ ବିଦେଶ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ପ୍ରଥମେ ଦୁବାଇ ଯିବେ ଓ ସେଠାରୁ ଇଟାଲି ଗସ୍ତ କରିବେ ବୋଲି ଜଣାଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ବିଦେଶଗସ୍ତ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନି ।ସୂଚନା ଅନୁଯାୟୀ, ଆସନ୍ତା ୨୮ ତାରିଖରେ ମୁଖ୍ୟମନ୍ତ୍ରୀ ଦୁବାଇରେ ଅୟୋଜିତ ହେବାକୁ ଥିବା ଇନଭେଷ୍ଟମେଂଟ ମିଟ୍ ରେ ଯୋଗ ଦେବେ। ବିଦେଶୀ ନିବେଶକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବା ନବୀନ ପଟ୍ଟନାୟକଙ୍କ ଗସ୍ତର ମୁଖ୍ୟ କାର୍ଯ୍ୟକ୍ରମ ରହିବ। ଏହା ପରେ ଉକ୍ତ ଦିନ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଦୁବାଇରେ ଥିବା ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରିବା ସହ ସେମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବେ ।ଦୁବାଇ କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇଟାଲି ଗସ୍ତ କରିବେ ବୋଲି ଜଣାଯାଇଛି। ସେଠାରେ ସେ ରୋମ୍ ଇନଭେଷ୍ଟର୍ସ ମିଟ୍ ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ନିବେଶକଙ୍କୁ ଓଡ଼ିଶାରେ ଅଧିକ ନିବେଶ ପାଇଁ ଅନୁରୋଧ କରିବେ ନବୀନ। ଇପିକଲ୍, ଫିକି ଓ ଦୁବାଇସ୍ଥିତ ଇଣ୍ଡିଆନ କନସଲେଟ୍ ପକ୍ଷରୁ ଏଥିନିମନ୍ତେ କାର୍ଯ୍ୟକ୍ରମ ସ୍ଥିର ହୋଇଛି ।ସୂଚନାଯୋଗ୍ୟ, ଶେଷଥର ପାଇଁ ୨୦୧୨ ମେ' ମାସରେ ଲଣ୍ଡନରେ ବିଜିନେସ୍ ମିଟ୍ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। କିନ୍ତୁ ପ୍ୟାରୀମୋହନ ମହାପାତ୍ରଙ୍କ 'ମିଡନାଇଟ୍ ଅପରେସନ' ଯୋଗୁ ସେ ନିଜର ଗସ୍ତକୁ କାଂଟଛାଂଟ୍ କରି ଫେରିଆସିଥିଲେ।

## ଦାୟିତ୍ୱ ନେଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ

ଭୁବନେଶ୍ୱର, ୬।୬(ପି.ଏନ): ଗତକାଲି ଶପଥ ଗ୍ରହଣ ପରେ ଆଜି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ସୋମବାର ପୂର୍ବାହ୍ନରେ ମନ୍ତ୍ରୀ ଶ୍ରୀ ଦାଶଙ୍କୁ ଲୋକସେବା ଭବନସ୍ଥ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ବିଭାଗର ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ମନ୍ତ୍ରୀ ଶ୍ରୀ ଦାଶ ପୁନର୍ବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଦାୟିତ୍ୱ ନେଇଥିବାରୁ ଗଣଶିକ୍ଷା ବିଭାଗ ଏବଂ ମନ୍ତ୍ରୀଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି ।

## ଅଗ୍ନି-୪ର ସଫଳ ରାତ୍ରୀକାଳୀନ ବ୍ୟବହାର ଉପଯୋଗୀ ପରୀକ୍ଷଣ ହୋଇଛି



ବାଲେଶ୍ୱର,୬।୬(ପି.ଏନ): ବାଲେଶ୍ୱର ଅବଦୁଲ କଲମା ଆଇଲାଣ୍ଡରୁ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ଅଗ୍ନି-୪ର ସଫଳ ରାତ୍ରୀକାଳୀନ ବ୍ୟବହାର ଉପଯୋଗୀ ପରୀକ୍ଷଣ ହୋଇଛି। ଆଜି ସନ୍ଧ୍ୟା ୭ଟା ୪୫ ମିନିଟରେ ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ର ବା ଆଇଟିଆର ୪ ନମ୍ବର ଲଞ୍ଚ ପ୍ୟାଡରୁ ଏହି ପରୀକ୍ଷଣ କରାଯାଇଥିଲା । ଆଣବିକ ଅସ୍ତ୍ର ବହନ କ୍ଷମତା ସଂପନ୍ନ ଏହି ବାଲିଷ୍ଟିକ ମିଜାଇଲକୁ ଗୋଟିଏ ମୋବାଇଲ ଲଞ୍ଚରରୁ ପରୀକ୍ଷା କରାଯାଇଥିଲା। ସୈନ୍ୟ ବାହିନୀର ଷ୍ଟ୍ରେଟେଜିକ୍ ଫୋର୍ସର କମାଣ୍ଡର ଜୱାନମାନେ ଏହି ପରୀକ୍ଷା କରିଥିଲେ ।ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରରେ କଠିନ ଇନ୍ଧନ ବ୍ୟବହାର କରାଯାଇଛି। ଭୂ-ପୃଷ୍ଠରୁ ଭୂ-ପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ରର ୩୫୦୦ରୁ ୪୦୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କ୍ଷମତା ରହିଛି। ଏହି ମିଜାଇଲରେ ଏକ ଟନ ଓଜନର ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି। ଏହି କ୍ଷେପଣାସ୍ତ୍ରର ଲଞ୍ଚ ୱେଟ୍ ୬ଟନ୍ ଥିବାବେଳେ ଏହାର ଲମ୍ବ ୨୦ ମିଟର ଓ ଓସାର ୧.୦୧ମିଟର ରହିଛି। ଏହି କ୍ଷେପଣାସ୍ତ୍ର ଭାରତର ଶତ୍ରୁ ରାଷ୍ଟ୍ର ପାକିସ୍ତାନ ଓ ଚୀନକୁ ଟାର୍ଗେଟ କରିବାରେ ସକ୍ଷମ ହୋଇପାରିବ।

## ବିରାଶାଳ ଏୟାରଷ୍ଟ୍ରିପରେ ବିମାନ ଦୁର୍ଘଟଣାଗ୍ରସ୍ତ

ଭୁବନେଶ୍ୱର, ୬।୬(ପି.ଏନ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ବିରାଶାଳ ଏୟାରଷ୍ଟ୍ରିପରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ପ୍ରଶିକ୍ଷଣ ବେଳେ ବିମାନଟି ପ୍ରାୟ ୧୫ ଫୁଟ୍ ଉପରୁ ଖସି ପଡିଥିବା ସୂଚନା ମିଳିଛି । ଦୁର୍ଘଟଣାରେ ଜଣେ ପ୍ରଶିକ୍ଷାର୍ଥୀ ସାମାନ୍ୟ ଆହତ ହୋଇଛନ୍ତି । ଆହତ ପ୍ରଶିକ୍ଷାର୍ଥୀ ଜଣକ ହେଲେ ମହାରାଷ୍ଟ୍ରର କରଣ ମଲ୍ଲିକ। ତେବେ ଉଡାଣ ଆରମ୍ଭ ବେଳେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି ।

## ବିବାଦୀୟ ହୋଇ ପଡିଥିବା ତିନି ମନ୍ତ୍ରୀ ପୁଣି ଥରେ ମନ୍ତ୍ରିମଣ୍ଡଳରେ ପାଇଲେ ନାହିଁ ସ୍ଥାନ

ଭୁବନେଶ୍ୱର, ୬।୬(ପି.ଏନ): ରାଜ୍ୟରେ ବିଭିନ୍ନ ମାମଲାରେ ବିବାଦୀୟ ହୋଇ ପଡିଥିବା ତିନି ଜଣ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଥରେ ମନ୍ତ୍ରୀ ପଦ ଦେଇ ନାହାନ୍ତି । ଏହି ତିନି ଜଣ ହେଲେ ପ୍ରତାପ ଜେନା, ଅରୁଣ ସାହୁ ଏବଂ ଦିବ୍ୟଶଙ୍କର ମିଶ୍ର । ଏତିନିଜଣ ବିଭିନ୍ନ ବିବାଦରେ ଛନ୍ଦି ହୋଇ ଦଳର ଭାବମୂର୍ତ୍ତିକୁ ନଷ୍ଟ କରିଥିବା କାରଣରୁ ସେମାନଙ୍କୁ ବିଦା କରାଯାଇଥିବା କୁହା ଯାଉଛି । ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ପ୍ରତାପ ଜେନା ବିବାଦୀୟ ହୋଇ ପଡିଥିବା ବେଳେ ନୟାଗଡ଼ ପରୀ ହତ୍ୟା ମାମଲାରେ ଅରୁଣ ସାହୁଙ୍କ ସଂପୃକ୍ତିକୁ ନେଇ ଅଭିଯୋଗ ହୋଇଥିଲା। ସେହିପରି କଳାହାଣ୍ଡି ମମିତା ମୃତ୍ୟୁ ପ୍ରସଙ୍ଗରେ ବିବାଦରେ ଛନ୍ଦି ହୋଇଥିଲେ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର।

## ପଞ୍ଚମ ପାଳିରେ ମନ୍ତ୍ରୀ ହୋଇଥିବା ୧୦ ଜଣ ବାଦ ପଡିଲେ

ଭୁବନେଶ୍ୱର, ୬।୬(ପି.ଏନ): ୨୦୧୯ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଂଚମ ପାଳିରେ ମନ୍ତ୍ରୀ ହୋଇଥିବା ଦଶ ଜଣ ମନ୍ତ୍ରୀ ଆଜିର ମନ୍ତ୍ରିମଣ୍ଡଳରୁ ବାଦ ପଡିଛନ୍ତି । ମନ୍ତ୍ରିମଣ୍ଡଳରୁ ବାଦ ପଡିଥିବା ମନ୍ତ୍ରୀ ମାନେ ହେଲେ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ରହିଥିବା ଅରୁଣ ସାହୁ, ଶକ୍ତି ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ । ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଥିବା ସୁଦାମ ମାର୍ଣ୍ଡି, ଜଳସଂପଦ ମନ୍ତ୍ରୀ ରଘୁନନ୍ଦନ ଦାସ ବାଦ୍ ପଡ଼ିଛନ୍ତି । ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପଦ୍ମିନୀ ଦିଆନ, ପ୍ରେମାନନ୍ଦ ନାୟକ ଓ ପଦ୍ମନାଭ ମଧ୍ୟ ବେହେରା ବାଦ୍ ପଡ଼ିଛନ୍ତି ।

## ସରକାରଙ୍କ ପ୍ଲାଷ୍ଟିକ ଓ ପଲିଥିନ୍ ଉପରେ କଟକଣା, ପ୍ରହସନରେ ପରିଣତ

ସମ୍ବଲପୁର,୬।୬(ପି.ଏନ): ରାଜ୍ୟ ସରକାର ପ୍ରଥମେ ୫ ଟି ମହାନଗର ନିଗମ ସମେତ ପୁରୀ ସହରରେ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରିଥିଲେ। ପରବର୍ତୀ ସମୟରେ ପ୍ଲାଷ୍ଟିକ, ପଲିଥିନ୍ ବ୍ୟବହାର, ବିକ୍ରି, ଆମଦାନୀ, ରପ୍ତାନୀ ଓ ବଂଟନ ଉପରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଥିଲା। ଏସଏମସି ଅଂଚଳରେ ପ୍ରଶାସନ ପକ୍ଷରୁ ପ୍ରଥମେ ପ୍ରଥମେ ଧରପଗଡ ପରେ ଏବେ ମହାନଗର ନିଗମ କର୍ତ୍ତୃପକ୍ଷ ତଥା ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଶିଥିଳ ପଡ଼ିଯାଇଥିବା ପଶ୍ଚିମ ଓଡ଼ିଶା କଲ୍ୟାଣ ସମିତି ସଭାପତି ଶ୍ରମିକ ନେତା ପ୍ରଶାନ୍ତ ପାଢ଼ୀ ଅଭିଯୋଗ କରିଛନ୍ତି। ପଲିଥିନ୍ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ବର୍ତମାନର ପରିବେଶ ପାଇଁ ମୁଖ୍ୟ ଚିନ୍ତାର କାରଣ ସାଜିଛି ବୋଲି ଶ୍ରୀ ପାଢ଼ୀ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ପ୍ରଶାସନର ଶୀଥିଳ କଟକଣାକୁ କେହି ମାନୁ ନଥିବା ଏକ ଦେହସୁହା ଘଟଣାରେ ପରିଣତ ହୋଇଛି । ସମ୍ବଲପୁର, ବୁର୍ଲା, ହୀରାକୁଦ ସହରରେ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର କଟକଣା ସଂପ୍ରତି ପ୍ରହସନରେ ପରିଣତ ହୋଇଛି । ପନିପରିବା, ଫଳ, ରାସନ୍ , ଏପରିକି ଔଷଧ ଓ ଖାଦ୍ୟ ପଦାର୍ଥ ଦେଣନେଣ ଦିଗରେ ପଲିଥିନ୍ ବ୍ୟବହାର ଏକ ପ୍ରମୁଖ ମାଧ୍ୟମ ସାଜିଛି । ପଲିଥିନର ବ୍ୟବହାର ପରେ ତାକୁ ଏଣେତେଣେ ଫୋପାଡି ଦେବା ଫଳରେ ଆବର୍ଜନା ସୃଷ୍ଟି କରିବା ସହ ନାଳ ନର୍ଦ୍ଦମାରେ ପଡି ଆବର୍ଜନା ଜଳ ନିଷ୍କାସନ ହେବାରେ ଅନ୍ତରାୟ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି । ଅପରପକ୍ଷେ ପ୍ଲାଷ୍ଟିକ ଓ ପଲିଥିନ ମାଟିରେ ପଡି ସହଜରେ ଜୈବ ବିଘଟନ ଘଟୁନଥିବା ଯୋଗୁଁ ଏକ ବିଷାକ୍ତ ପରିବେଶ ସୃଷ୍ଟି କରାଇ ଆସୁଛି । ଫଳରେ ମଣିଷ ପରିବେଶ ପ୍ରଦୂଷଣ ଭଳି ଚରମ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଶ୍ରୀ ପାଢ଼ୀ କହିଛନ୍ତି। ଦିନକୁ ଦିନ ପ୍ରଦୂଷଣ ବଢୁଥିଲେ ମଧ୍ୟ ଏହା ପ୍ରତି ପ୍ରଶାସନ କି କୌଣସି ଲୋକପ୍ରତିନିଧିଙ୍କ ଦୃଷ୍ଟି ନ ପଡ଼ିବା ଜନଜୀବନ ପ୍ରତି ବିପଦ ସୃଷ୍ଟି କରିବାରେ ଲାଗିଛି । ରାସ୍ତା କଡ ଉଠା ଦୋକାନୀ, ସମସ୍ତ ହୋଟେଲ, ପାନ ଦୋକାନ, ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନରେ ଏହାର ବହୁଳ ବ୍ୟବହାର କରାଯାଉଛି। ସମ୍ବଲପୁର, ବୁର୍ଲା, ହୀରାକୁଦ ସହର ସାରା ଗଦା ଗଦା ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ହେଉଥିବା ସତ୍ତ୍ୱେ ବିଭାଗୀୟ ଉଦାସୀନତା ଏହାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।ବୁର୍ଲା ସହରରେ ବହୁ ନାଳରେ ପ୍ଲାଷ୍ଟିକ, ପଲିଥିନ୍ ବର୍ଷ ବର୍ଷ ପଡ଼ିରହି ପାଣି ନିଷ୍କାସନରେ ବାଧା ସୃଷ୍ଟି କରୁଛି। କେତେକ ଡ୍ରେନ୍ ପୋତି ହୋଇଗଲାଣି। ପାଣି ନିଷ୍କାସନ ନ ହେବା ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ଘର ଭିତରକୁ ପଶୁଛି। ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି, ହେଲେ କାମରେ କିଛି ଦେଖାଯାଉନାହିଁ। ବର୍ଷା ଦିନ ପୂର୍ବରୁ ନାଳରୁ ପଲିଥିନ୍, ପ୍ଲାଷ୍ଟିକ ବାହାର କରାଯିବା ସହିତ ପ୍ଲାଷ୍ଟିକ ପଲିଥିନ୍ ବ୍ୟବହାର କଟକଣାକୁ କାର୍ଯ୍ୟକାରୀ କରିବାକୁ ପଶ୍ଚିମ ଓଡ଼ିଶା କଲ୍ୟାଣ ସମିତି ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ଶ୍ରୀ ପାଢ଼ୀ ଦାବି କରିଛନ୍ତି।









# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଷ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୂରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଅଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।



## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି । ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି । ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ପି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଜୁନ୍ ୦୭

# ସମୁଦ୍ର ତଳର ଦେଶ



ୟୁରୋପର ଉ□ର-ପଶ୍ଚିମ ଉପକୂଳରେ ସମୁଦ୍ର ପ ନର ଅଳ୍ପ ଉପରେ (୧ ମିଟର), କିମ୍ବା ନିମ୍ନରେ ଥିବା ବୈଚିତ୍ର୍ୟପୂର୍ଣ୍ଣ ଦେଶର ନାମ ହଲାଣ୍ଡ ବା ନେଦରଲ୍ୟାଣ୍ଡ (ପାତାଳର ଦେଶ) । ଏହାର ଲୋକମାନେ ଡଚ ବା ଓଲନ୍ଦାଜ ନାମରେ ପରିଚିତ । ଏହି ଦେଶ ନିଜର ଫୁଲ, ପବନ କଳ, ବନ୍ଧ, କେନାଲ ଓ ସାଇକେଲ ପାଇଁ ବିଶ୍ୱପ୍ରସିଦ୍ଧ । ଇହୁଦୀ ଲେଖିକା ଆନା ଫ୍ରାଙ୍କ ନାଜୀମାନଙ୍କ ଦ୍ୱାରା ଏହି ଦେଶରେ ନିର୍ଯାତନା ଶିବିରରେ ରହିଥିଲେ ଓ ନିଜର ପ୍ରସିଦ୍ଧ ପୁସ୍ତକ, ଡାଆରୀ ଅର୍ଥ ଏ ୟଙ୍ଗ ଗାର୍ଲ ରଚନା କରିଥିଲେ । ଏହାର ଟ୍ୟୁଲିପ ଫୁଲକୁ ନେଇ ପ୍ରସିଦ୍ଧ ବ୍ଲାକ ଟ୍ୟୁଲିପ ବହି ଲେଖାହୋଇଛି । ବେଲଜିଅମ, ଲକ୍ସେମବର୍ଗ ଓ ହଲାଣ୍ଡକୁ ନେଇ ନିମ୍ନ ୟୁରୋପ ନାମରେ ନାମିତ କରାହୋଇଛି । ୟୁରୋପର ମୁଖ୍ୟ ନଦୀ ରାଇନ, ସିଡ୍, ମୁସ ଆଦି ଏହି ଦେଶ ଦେଇ ସାଗରରେ ପଡିଛନ୍ତି ଓ ପ୍ରଶସ୍ତ ମୁହାଣ ବା ଏଷ୍ଟୁଆରୀ ସୃଷ୍ଟି କରିଛନ୍ତି । ଦେଶର କ୍ଷେତ୍ରଫଳ ମାତ୍ର ୪୨ ହଜାର ବର୍ଗକିମି । ସେଥିରୁ ଭୂମି ୩୩ ହଜାର ବର୍ଗ କିମି । ଲୋକସଂଖ୍ୟା ପ୍ରାୟ ୧.୭ କୋଟି । ଜନସଂଖ୍ୟା ସାନ୍ଦ୍ରତା ବର୍ଗ କିମି ପ୍ରତି ୫୦୦ । କ୍ଷୁଦ୍ର ଦେଶ ହେଲେ ମଧ୍ୟ ଏହା ପୃଥିବୀର ଅଷ୍ଟମ ଆର୍ଥିକ ଶକ୍ତିଶାଳୀ ଦେଶ । । GDPରେ ସ୍ଥାନ ୧୭(୧.୨ ଟ୍ରିଲିଅନ) । ଖାଦ୍ୟଶସ୍ୟ ରପ୍ତାନୀରେ ମଧ୍ୟ ପ୍ରଥମ । ଏହାର ବନ୍ଦର ଆମଷ୍ଟରଡାମ ୟୁରୋପର ସବୁଠାରୁ ବ୍ୟସ୍ତବହୁଳ ବନ୍ଦର । ରୋଟରଡାମଠାରେ ପୃଥିବୀର ପ୍ରଥମ ଷ୍ଟକ ଏକ୍ସଚେଞ୍ଜ ଓ ଅର୍ଥନୀତିରେ ବୁଲ ଆଣ୍ଡ ବିଅର ଚିନ୍ତାଧାରା ଜନ୍ମ ନେଇଥିଲା । ଏହି ଦେଶ ଆଗରୁ ମହାସାଗର ଜଳ ଦ୍ୱାରା ପ୍ଲାବିତ ହେଉଥିଲା । ପିଟ କୋଇଲା ଖୋଳି ଅସଂଖ୍ୟ ନିମ୍ନଭୂମି ସୃଷ୍ଟି କରାଗଲା । ନଦୀମାନଙ୍କରେ ମଧ୍ୟ ବନ୍ୟା ଆସି ଜମି ସବୁ ବୁଡାଇ ଦେଉଥିଲା । ଫସଲ ହୋଇପାରିଲା ନାହିଁ । ପ୍ରକୃତି ବିରୁଦ୍ଧରେ ସଂଗ୍ରାମ କରି ଡଚମାନେ ବନ୍ଧ, ବାଡ. ଡାଇକ, ସ୍ଲୁଇସ କେନାଲମାନ ତିଆରି କରି ନିଜର ଦେଶକୁ ସୁରକ୍ଷା ଦେଲେ ଓ ଅଗଭୀର ସମୁଦ୍ର ତଳର ଜମିକୁ ଉଦ୍ଧାର କରି ନିଜ ଦେଶରେ ମିଶାଇଲେ । ଦେଶର ପ୍ରାୟ ୨୦ ଶତକଡା ଜମି ସମୁଦ୍ରରୁ ଉଦ୍ଧାର ହୋଇଛି । ଯାହା ଯୁଇଡରଜି ନାମରେ ପରିଚିତ ହୋଇଛି । ସବୁବେଳେ ପବନ ବହୁଥିବାରୁ କେଉଁ କାଳରୁ ସବୁଆଡେ ଅସଂଖ୍ୟ ପବନ କଳ ଦ୍ୱାରା ପାଣି ନିଷ୍କାସନ କରାଯାଏ । ଫଳରେ ପ୍ରଚୁର ଫସଲ ଅମଳ ହେଲା । ବନ୍ଧ କଡରେ ବହୁତ ଘାସ ମଧ୍ୟ ବଢି ଗୋପାଳନରେ ସାହାଯ୍ୟ କଲା । ସମୁଦ୍ରରୁ ପ୍ରଚୁର ମାଛ ମିଳେ । ସବୁଆଡେ ଟ୍ୟୁଲିପ ଫୁଲ ଲଗାଯାଏ । ଘାସ ମିଳୁଥିବାରୁ ଅସଂଖ୍ୟ ଗାଈ ରଖି ପ୍ରଚୁର କ୍ଷୀର ରପ୍ତାନୀ ହୁଏ । ଏକ କୌଶଳୀ ନାବିକ ଜାତି ରୂପେ ଏମାନେ ବିଶ୍ୱରେ ବିଖ୍ୟାତ । ମଧ୍ୟଯୁଗରେ (ସ୍ୱର୍ଣ୍ଣିମ ଯୁଗ-୧୭ ଶତାବ୍ଦୀ) ପୃଥିବୀର ଅନେକ ସ୍ଥାନରେ ସେମାନେ ଉପନିବେଶ ଓ ବାଣିଜ୍ୟ କୋଠୀମାନ ସ୍ଥାପନା କରିଥିଲେ । ଏସିଆର ଇଣ୍ଡୋନେସିଆ ଦ୍ୱୀପପୁଞ୍ଜ, ଦକ୍ଷିଣ ଆଫ୍ରିକା (ବୁଅର ଲାଣ୍ଡ, କେପ କଲୋନି), ଦକ୍ଷିଣ ଆମେରିକା, ଉ□ର ଆମେରିକା, ତାଇୱାନ, ସୁରିନାମ ଓ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜରେ ଉପନିବେଶ ସ୍ଥାପନ କରିଥିଲେ । ଆମେରିକାର ମାନହାଟନଠାରେ ନିୟୁ ଆମଷ୍ଟରଡାମ ବସତି, ଦକ୍ଷିଣ ଆମେରକାରେ ବୋଅର ଲାଣ୍ଡ, ଦକ୍ଷିଣ ଆମେରିକାରେ ନିୟୁ ହଲାଣ୍ଡ ସ୍ଥାପନ କରିଥିଲେ । ୧୬୮୦ ମସିହା ବେଳକୁ ଡଚମାନଙ୍କର ୧୬ ହଜାର ଜାହାଜ ଥିଲା । ଆମଷ୍ଟରଡାମ ପୃଥିବୀର ସବୁଠାରୁ ଧନୀ ସହର ଥିଲା । ସେମାନଙ୍କ ଅଧିନରେ ଏବେ ମଧ୍ୟ କାରିବିଆନ ଦ୍ୱୀପପୁଞ୍ଜର କେତେକ ଦ୍ୱୀପ ରହିଅଛି ।

ବିଭିନ୍ନ ସମୟରେ ଏହା ରୋମାନ, ଭାଇକିଙ୍ଗ ଫ୍ରାନ୍ସ, ଜର୍ମାନ, ହୋଲି ରୋମାନ ଏମ୍ପାୟାର ଓ ସ୍ପେନର ଅର୍ନ୍ତଗତ ହୋଇଥିଲା । ୧୭୯୫ ମସିହାରେ ଏହା ସ୍ୱାଧିନ ହେଲା । ଦ୍ୱିତୀୟ ମହାଯୁଦ୍ଧରେ ଏହା ୫ ବର୍ଷ ପାଇଁ ଜର୍ମାନୀ ଦ୍ୱାରା ଅଧିକୃତ ହେଲା ଓ ଏଠାରେ ବହୁସଂଖ୍ୟକ ଇହୁଦୀଙ୍କୁ ହତ୍ୟା କରାଯାଇଥିଲା । ଆମରଷ୍ଟରଡାମ ବ୍ଲିଜ ନାମରେ ନାମିତ ବମ ମାଡ ଦ୍ୱାରା ସହର ଧ୍ୱଂସ ହୋଇଥିଲା । ଏଠାରେ ଏବେ ସାମ୍ବିଧାନିକ ରାଜତନ୍ତ୍ର ଚାଲୁଛି । ରାଜା ଏହାର ନାମମାତ୍ର ଶାସନ ମୁଖ୍ୟ । ପାର୍ଲାଆମେଣ୍ଟ ହାତରେ ସମସ୍ତ କ୍ଷମତା ଅଛି । ମଧ୍ୟଯୁଗରେ କାଥୋଲିକ ପ୍ରୋଟେଷ୍ଟାଂଟ ବିବାଦ ଏଠାରେ ତୀବ୍ର ଥିଲା । ହଜାର ହଜାର ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ବ□ମାନ ସହନଶୀଳତା ଓ ପୃଥକତା ପ୍ରତିଷ୍ଠା ହୋଇଛି । ଦେଶରେ ସାମାଜିକ ସୁରକ୍ଷା, ମାନବିକ ଅଧିକାର ହାପିନେକ୍ସ ଇଣ୍ଡେକ୍ସ ଅତ୍ୟନ୍ତ ଉଚ୍ଚରେ । ପ୍ରେସ ସ୍ୱାଧୀନତା ମଧ୍ୟ ବେଶ ଭଲ । ଆଇନଶୃଂଖଳା ସୁଦୃଢ । ବହୁଦିନରୁ ମୃତ୍ୟୁଦଣ୍ଡ ଉଠିଯାଇଛି । ଇଚ୍ଛାମୃତ୍ୟୁ ଅଧିକାର ଲୋକଙ୍କୁ ପ୍ରଦାନ କରାଯାଇଛି । ନାରୀମାନଙ୍କୁ ସଂପୂର୍ଣ୍ଣ ସ୍ୱାଧୀନତା ବହୁଦିନରୁ ମିଳିଛି । ଗର୍ଭପାତକୁ ଆଇନସମ୍ମତ କରାଯାଇଛି । କିଛିବର୍ଷ ତଳେ ସମୁଦ୍ର ଗର୍ଭରୁ ପ୍ରାକୃତିକ ଗ୍ୟାସ ମିଳିବା ପରେ ଏହାର ପ୍ରଚଣ୍ଡ ଆର୍ଥିକ ଅଭିବୃଦ୍ଧି ଘଟିଛି ।

**ଆମଷ୍ଟରଡାମ:** ଏହାକୁ ଉ□ରର ଭେନିସ ବୋଲି କୁହାଯାଏ । ଦେଶର ଏହା ରାଜନୈତିକ ରାଜଧାନୀ ଓ ମୁଖ୍ୟ ସହର (ଲୋକ ସଂଖ୍ୟା ୮ ଲକ୍ଷ) ଆମଷ୍ଟାଲ ଡ୍ୟାମ କଡରେ ଥିବାରୁ ଏହାର ନାମ ଏପରି ହୋଇଛି । ଏହା ଆଲଫା ଗ୍ଲୋବାଲ ସିଟିର ମାନ୍ୟତା ପାଇଛି । ରହିବା ପାଇଁ ବିଶ୍ୱର ଏହା ଦ୍ୱିତୀୟ ସର୍ବୋ□ମ ସହର । ଏଠାରେ ରିଜିକସ, ଭେନ ଗଫ, ସେଡଜିକ, ମ୍ୟୁଜିଅମ ଓ ପ୍ରସିଦ୍ଧ ହରମିଟେଜ ରହିଛି । ଏହାର ବନ୍ଧବାଡ ୟୁନେସ୍କୋ ହେରିଟେଜରେ ସ୍ଥାନ ପାଇଛି । ଏଠାରେ ବିଶ୍ୱପ୍ରସିଦ୍ଧ ଉବର, ନେଟଫ୍ଲିକ୍ସ ଟାସକ କମ୍ପାନୀର ମୁଖ୍ୟ ଦପ୍ତର ରହିଛି । ଏହି ସହରରେ ବେଶ୍ୟାବୃତି ଆଇନସମ୍ମତ ଥିବାରୁ ଏହାର ରେଡ ଲାଇଟ ଏରିଆରେ ପ୍ରବଳ ଭିଡ ହୁଏ ।

**ରୋଟର ଡ୍ୟାମ:** ଏହାକୁ ୟୁରୋପର ଦ୍ୱାର କୁହାଯାଏ । ସମସ୍ତ ଉଡାଜାହାଜ ଏହାର ବିମାନ ବନ୍ଦର ଦେଇ ଯାଏ । ଏଠାରେ ବିଶ୍ୱପ୍ରସିଦ୍ଧ ୟୁନି ଲିଭର, ସେଲ, ରେବକୋ ଭଳି କମ୍ପାନୀମାନଙ୍କର ମୁଖ୍ୟ ଦପ୍ତର ଅଛି । ପୃଥିବୀର ପ୍ରଥମ ଷ୍ଟକ ଏକ୍ସଚେଞ୍ଜ ଏଠାରେ ସ୍ଥାପିତ ହୋଇଥିଲା ।

**ଦି ହେଗ:** ଏହା ହଲାଣ୍ଡ ତଥା ପୃଥିବୀର ନ୍ୟାୟିକ ରାଜଧାନୀ । ଏଠାରେ ରାଜା ରୁହନ୍ତି । ଆର୍ନ୍ତଜାତିକ ବିଚାରାଳୟ ଓ ବିଭିନ୍ନ ଆର୍ବିଟେସନ କାଉନସିଲ ଏଠାରେ ଅଛି । ସମୁଦାୟ ୨୦୦ ଆର୍ନ୍ତଜାତିକ ଅନୁଷ୍ଠାନ ଏଠାରେ କାମ କରୁଛି । ଲୋକମାନଙ୍କର ଉଦ୍ୟମ ଓ ଅଧ୍ୟବସାୟ ବଳରେ ଗୋଟିଏ କ୍ଷୁଦ୍ର ଦେଶ କିପରି ବିଶ୍ୱର ଅଗ୍ରଣୀ ଦେଶରେ ପରିଣତ ହୁଏ, ହଲାଣ୍ଡ ତାହାର ଉଦାହରଣ ।

**ଡାଃ ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮

## ଆଜିର ଅନୁଚିନ୍ତା

*ନିରାଶାବାଦୀ ନହୋଇ ସର୍ବଦା ଆଶାବାଦୀ ହେଲେ ପ୍ରକୃତ ଶାନ୍ତି ମିଳେ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଧର୍ମନିରପେକ୍ଷ ରାଷ୍ଟ୍ରର ସରକାର ମନ୍ଦିର ପରିଚାଳନା କରିବା ଯଥାର୍ଥ କି ?

**ପ୍ରଦୀପ୍ତ କୁମାର ଜେନା**



ମନ୍ଦିର ହିନ୍ଦୁମାନଙ୍କର ଆସ୍ଥା ଓ ବିଶ୍ୱାସର ପୀଠସ୍ଥଳୀ । ଆଧ୍ୟାତ୍ମିକ ଜ୍ଞାନ ଆହରଣ କରିବାର କ୍ଷେତ୍ର ତଥା ନିଜକୁ ସଂଶୋଧନ କରିବାର ପରିବେଶ । ନିଃସହାୟ ଗରିବ ବାସହରା ଲୋକମାନଙ୍କର ସାହାର । ପୂର୍ବରୁ ମନ୍ଦିର ସହିତ ପାଠଶାଳା, ଧର୍ମଶାଳା ଓ ଗୋଶାଳା ଯୋଡି ହୋଇ ରହିଥିଲା । ମନ୍ଦିରର ଆୟରେ ଏ ସମସ୍ତ ପରିଚାଳିତ ହେଉଥିଲା । ରାଜା, ଜମିଦାରମାନେ ହଜାର ହଜାର ଏକର ଜମି ମନ୍ଦିର ପରିଚାଳନା ପାଇଁ ଦାନ ଦେଇଥିଲେ । ଭାରତବର୍ଷରେ ମୋଗଲମାନେ ଶାସନ କଲା ପରେ ବିଶେଷକରି ଔରଙ୍ଗଜେବଙ୍କ ସମୟରେ ଅନେକ ହିନ୍ଦୁ ମନ୍ଦିରକୁ ଭାଙ୍ଗି ଦିଆଯାଇ ମସଜିଦକୁ ପରିବ□ନ କରି ଦିଆଯାଇଥିଲା । ଅନେକ ହିନ୍ଦୁଙ୍କୁ ବଳପୂର୍ବକ ଧର୍ମାନ୍ତୀକରଣ କରାଯାଇଥିଲା । ମୋଗଲ ଶାସନର ପତନ ପରେ ବ୍ରିଟିଶରସ୍ମାନେ ଭାରତବର୍ଷରେ ରାଜ କଲେ । ପ୍ରଥମେ ସେମାନେ ବଡ ବଡ ହିନ୍ଦୁ ମନ୍ଦିର ଓ ମସଜିଦକୁ ନିଜ ନିୟନ୍ତ୍ରଣକୁ ନେଇ ପରିଚାଳନା କଲେ । ବ୍ରିଟିଶ ଇଣ୍ଡିଆ ସରକାର ୧୮୧୦ ଖ୍ରୀଷ୍ଟାବ୍ଦରେ ବେଙ୍ଗଲ ରେଗୁଲେସନ, ୧୮୧୭ ଖ୍ରୀଷ୍ଟାବ୍ଦରେ ମାଡ୍ରାସ୍ ରେଗୁଲେସନ ଓ ୧୮୨୭ ଖ୍ରୀଷ୍ଟାବ୍ଦରେ ବମ୍ବେ ରେଗୁଲେସନ ବଳରେ ତତ୍କାଳୀନ ଅଖଣ୍ଡ ଭାରତବର୍ଷର ବଡ ବଡ ହିନ୍ଦୁ ମନ୍ଦିର ଓ ମସଜିଦଗୁଡିକୁ ନିୟନ୍ତ୍ରଣକୁ ନେଇଥିଲେ । ଭାରତରେ ଖ୍ରୀଷ୍ଟିୟାନ ସରକାର ଥିବାରୁ ଖ୍ରୀଷ୍ଟିୟାନ ପାଦ୍ରୀମାନେ ମନ୍ଦିର ପରିଚାଳନା କରିବାକୁ ଇଚ୍ଛୁକ ନଥିଲେ ଓ ସେମାନେ ଧର୍ମାନ୍ତୀକରଣ କରି ହିନ୍ଦୁମାନଙ୍କୁ ଖ୍ରୀଷ୍ଟିୟାନ କରିବାକୁ ଚାହୁଁଥିଲେ । ପାଦ୍ରୀମାନେ ଭାରତରେ ତଥା ଇଂଲଣ୍ଡରେ ବ୍ରିଟିଶ ଇଣ୍ଡିଆ ସରକାରଙ୍କ ଉପରେ ଚାପ ପ୍ରୟୋଗ କଲେ ଓ ହିନ୍ଦୁ ମନ୍ଦିର, ମସଜିଦ ଗୁଡିକୁ ନିୟନ୍ତ୍ରଣ ମୁକ୍ତ କରିବାକୁ ଦାବି କଲେ । ଫଳରେ ସରକାର ୧୮୬୩ ମସିହାରେ ସଂସଦରେ ଏକ ଆଇନ ପାରିତ କରି ମନ୍ଦିର ଓ ମସଜିଦ-ହିନ୍ଦୁ ଓ ମୁସଲମାନମାନଙ୍କୁ ଫେରାଇଦେଲେ । ୧୯୧୯ ମସିହାରେ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ ସଂସଦରେ ପାରିତ ହୋଇଥିଲା । ଯାହାଫଳରେ ବିଭିନ୍ନ ପ୍ରଦେଶରେ ନିର୍ବାଚନ କରାଯାଇ ସରକାର ଗଠନ କରାଯାଇଥିଲା । ୧୯୨୭ ମସିହାରେ ଜଷ୍ଟିସ୍ ପାର୍ଟି ଶ୍ରୀ ସୁବାରାୟନ ଗୋନଷ୍ଟରଙ୍କ ନେତୃତ୍ୱରେ ମାଡ୍ରାସ୍ ପ୍ରେସିଡେନ୍ସିରେ ସରକାର ଗଠନ ହୋଇଥିଲା । ମାଡ୍ରାସ୍ ପ୍ରେସିଡେନ୍ସି ଅଧିନରେ ତାମିଲନାଡୁ, ଆନ୍ଧ୍ର, କେରଳ, କର୍ଣ୍ଣାଟକ ଓ ଓଡିଶାର କିଛି ଅଂଶ ମିଶିକି ଥିଲା । ଜଷ୍ଟିସ୍ ପାର୍ଟି ଶାସନକୁ ଆସିବା ପରେ ମାଡ୍ରାସ୍ ହିନ୍ଦୁ ରିଲିଜିୟସ ଆଣ୍ଡ ଚାରିଟେବୁଲ ଏଣ୍ଡୋମେଣ୍ଟ ଆକ୍ଟ ୧୯୨୭ ପାରିତ କରି ବଡ ବଡ ମନ୍ଦିରଗୁଡିକୁ ନିୟନ୍ତ୍ରଣକୁ ନେଇଗଲେ । ମସଜିଦ ଓ ଚର୍ଚ୍ଚ ସରକାରଙ୍କ ନିୟନ୍ତ୍ରଣ ବାହାରେ ରହିଲା । ୧୯୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଘୋଷିତ ହେବା ପରେ ମାଡ୍ରାସ୍ ପ୍ରେସିଡେନ୍ସି ଅଧିନରେ ଥିବା ଅଂଚଳ ଓଡିଶାରେ ମିଶିଲା । ଓଡିଶା ସରକାର ଜଷ୍ଟିସ୍ ପାର୍ଟିଙ୍କୁ ଅନୁକରଣ କରି ଓଡିଶାରେ ହିନ୍ଦୁ ରିଲିଜିୟସ୍ ଏଣ୍ଡୋମେଣ୍ଟ ଆକ୍ଟ ପାରିତ କଲେ ଓ ମନ୍ଦିରଗୁଡିକୁ ନିୟନ୍ତ୍ରଣରେ ରଖିଲେ । ୧୯୪୭ରେ ଦେଶ ସ୍ୱାଧୀନ ହେଲା ପରେ ୧୯୫୧ରେ ସମସ୍ତ ରାଜ୍ୟ ସରକାର ନିଜ ନିଜ ରାଜ୍ୟରେ ହିନ୍ଦୁ ରିଲିଜିୟସ୍ ଏଣ୍ଡୋମେଣ୍ଟ ଆକ୍ଟ ପାରିତ କରି ବଡ ବଡ ମନ୍ଦିରକୁ ନିଜ ଅଧିନକୁ ନେଲେ । ଏଯାବତ ଭାରତବର୍ଷରେ ଲକ୍ଷ ଲକ୍ଷ ହିନ୍ଦୁ ମନ୍ଦିର ସରକାରଙ୍କ ନିୟନ୍ତ୍ରଣରେ ଅଛି । ଏପରିକି ଓଡିଶାରେ ୧୮ ହଜାରରୁ ଅଧିକ ମନ୍ଦିର ଓଡିଶା ସରକାରଙ୍କ ଦେବୋ□ର ବିଭାଗରେ ରହିଛି । ଭାରତ ଏକ ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ର । ଯାହାର କୌଣସି ରାଷ୍ଟ୍ରଧର୍ମ ନାହିଁ । ପାକିସ୍ତାନ ଓ ବାଂଲାଦେଶର ରାଷ୍ଟ୍ରଧର୍ମ ଇସଲାମ ହୋଇଥିବାରୁ ସେ ଦେଶର ସରକାର ଧର୍ମପୀଠଗୁଡିକୁ ପରିଚାଳନା କରିବାରେ କୌଣସି ଅସୁବିଧା ନାହିଁ । ଭାରତର ଯେହେତୁ ରାଷ୍ଟ୍ରଧର୍ମ ନାହିଁ, ଭାରତ ସରକାର ଓ ସମସ୍ତ ପ୍ରାଦେଶିକ ସରକାର ସମସ୍ତ ଧର୍ମ ପାଇଁ ସମାନ ଦୂରତ୍ୱ ଅବଲମ୍ବନ କରିବା ଉଚିତ୍ । କିନ୍ତୁ ବିଡମ୍ବନାରେ ବିଷୟ ଭାରତବର୍ଷର ପ୍ରତ୍ୟେକ ରାଜ୍ୟ ସରକାର ହିନ୍ଦୁ ମନ୍ଦିରକୁ ନିଜ ନିୟନ୍ତ୍ରଣରେ ରଖିଥିବା ବେଳେ ସଂଖ୍ୟାଲଘୁମାନଙ୍କ ଧର୍ମପୀଠଗୁଡିକ ସରକାରଙ୍କ ନିୟନ୍ତ୍ରଣରେ ନାହିଁ । ସମ୍ବିଧାନରେ କୌଣସି ସ୍ଥାନରେ ଉଲ୍ଲେଖ ନାହିଁ ଯେ କେବଳ ହିନ୍ଦୁ ମନ୍ଦିର ସରକାର ନିୟନ୍ତ୍ରଣ କରିବେ ଓ ଅନ୍ୟ ସମସ୍ତ ସଂପ୍ରଦାୟର ଧର୍ମପୀଠ ସେହି ସଂପ୍ରଦାୟର ଲୋକମାନଙ୍କ ଦ୍ୱାରା ପରିଚାଳିତ ହେବ । ଏହା ହିନ୍ଦୁମାନଙ୍କ ପ୍ରତି ଏକ ଷଡ଼ଯନ୍ତ୍ର କହିଲେ ଭୁଲ ହେବ ନାହିଁ । ସମ୍ବିଧାନର ଧାରା ୨୬ରେ ଜାତି, ଧର୍ମ, ବର୍ଣ୍ଣ ଓ ସଂପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକଙ୍କୁ ଧାର୍ମିକ ସ୍ୱାଧୀନତା ପ୍ରଦାନ କରାଯାଇଛି । କିନ୍ତୁ ହିନ୍ଦୁମାନଙ୍କ ଧାର୍ମିକ ସ୍ୱାଧୀନତା ଉପରେ ଅଂକୁଶ ଲଗାଯିବାର କାରଣ କଣ ? ଆଜି ଆମ୍ଭେ ଆମ୍ଭର ଦିଅଁ ଦର୍ଶନ କରିବାକୁ ହେଲେ ଟିକଟ କାଟି ପଇସା ଦେବାକୁ ପଡୁଛି । ଆନ୍ଧ୍ରର ତିରୁପତି ମନ୍ଦିର ତା'ର ଜ୍ୱଳନ୍ତ ଉଦାହରଣ । ଭକ୍ତଟିଏ ନିଜ ପେଟରୁ କାଟି ଜଗନ୍ନାଥଙ୍କ ହୁଣ୍ଡିରେ ୧୦୦ ଟଙ୍କା ଦେଉଛି । ସେ ଟଙ୍କା ହିନ୍ଦୁଧର୍ମର ପ୍ରଚାର ପ୍ରସାର ପରିବ□ ସରକାର ତାକୁ ନେଇ କୋଭିଡ ପରିଚାଳନାରେ ଖର୍ଚ୍ଚ କରିଛନ୍ତି । ଗତବର୍ଷ କୋଭିଡ ମହାମାରୀ ସମୟରେ ଜଗନ୍ନାଥଙ୍କ ମନ୍ଦିର ସମେତ ଓଡିଶାର ସମସ୍ତ ବଡ ବଡ ମନ୍ଦିର କୋଭିଡ ପରିଚାଳନା ପାଇଁ ଅର୍ଥ ଦେଇଛନ୍ତି । ସଂଖ୍ୟାଲଘୁମାନଙ୍କ ଧର୍ମପୀଠ କେତେ ଟଙ୍କା ଦେଇଛନ୍ତି ସରକାର କହିପାରିବେ କି ? ଗତବର୍ଷ କର୍ଣ୍ଣାଟକ ସରକାର ଯେତେବେଳେ ଘୋଷଣା କଲେ ଯେ, ହିନ୍ଦୁ ମନ୍ଦିର ସରକାର ନିୟନ୍ତ୍ରଣରୁ ମୁକ୍ତ ହେବ ଓ ଭକ୍ତମାନଙ୍କ ହାତକୁ ପରିଚାଳନା ପାଇଁ ଦିଆଯିବ, ସେହି ପ୍ରଦେଶର ପ୍ରଦେଶ କଂଗ୍ରେସ ମୁଖ୍ୟ ଏ ନିଷ୍ପତି ବିରୁଦ୍ଧରେ ବିଷୋଦ୍‌ଗାର କରିଥିଲେ ଓ କହିଥିଲେ ସରକାରଙ୍କ ନିଷ୍ପତି ଗୋଡରେ କୁରାଢୀ ମାରିବା ସଦୃଶ । ତାଙ୍କ ମତରେ ହିନ୍ଦୁମାନଙ୍କ ଦାନ ସରକାରୀ ସଂପତି । ଧର୍ମନିରପେକ୍ଷ ସରକାର ମନ୍ଦିର ପରିଚାଳନା କରିବା ଫଳରେ ଆଜି ଅନେକ ଖ୍ରୀଷ୍ଟିୟାନ ସଂପ୍ରଦାୟ ଲୋକ ତିରୁପତି ମନ୍ଦିର ଆଡମିନିଷ୍ଟ୍ରେସନରେ କାର୍ଯ୍ୟ କରୁଛନ୍ତି । ଗତବର୍ଷ ଡିସେମ୍ବର ମାସରେ ମାନ୍ୟବର ସୁପ୍ରିମକୋର୍ଟ ଆନ୍ଧ୍ରପ୍ରଦେଶର ସାଇଲମ ମନ୍ଦିରର ଏକ ପିଟିସନ୍ ବିଚାର କରି ନିଜ ରାୟରେ କହିଥିଲେ ଯେ, ମନ୍ଦିର ପରିସରରେ ଦୋକାନ କରିବା ପାଇଁ ଅଣହିନ୍ଦୁମାନଙ୍କୁ ବାରଣ କରାଯାଇପାରିବ ନାହିଁ ।

ଯେଉଁ ମନ୍ଦିରଗୁଡିକର ଅଧିକ ଅର୍ଥ ଆୟ ହେଉଛି, ସେହି ମନ୍ଦିରଗୁଡିକୁ ଦେବୋ□ର ବିଭାଗ ନିଜ ଅଧୀନକୁ ଆଣୁଛନ୍ତି । ଓଡିଶାରେ ହଜାର ହଜାର ମନ୍ଦିର ଅଛି, ଯେଉଁଠି ଠାକୁରଙ୍କ ଦୁଇବେଳା ନୀତି ହୋଇପାରୁନାହିଁ । ମନ୍ଦିରର ପୂଜକଙ୍କୁ ମାସିକ ୧ ହଜାର ଟଙ୍କା ଦେବା କଷ୍ଟକର ହୋଇପଡୁଛି । ସରକାରଙ୍କର ଯଦି ଏତେ ଆଗ୍ରହ ଅଛି ମନ୍ଦିର ପରିଚାଳନା ପାଇଁ, ତାହାହେଲେ ସମସ୍ତ ମନ୍ଦିରକୁ ନେଇ ଚଳାନ୍ତୁ । ସରକାର ମନ୍ଦିର ପରିଚାଳନା କରିବା ଫଳରେ ସରକାରୀ ଦଳର କୁଜି ନେତା ଟ୍ରଷ୍ଟ ବୋର୍ଡରେ ସାମିଲ ହେଉଛନ୍ତି ଓ ସେମାନଙ୍କ ମିଲିଭଗତରେ ସରକାରୀ ବାବୁମାନେ ମନ୍ଦିର ଅର୍ଥକୁ ହରିଲୁଟ୍ କରୁଛନ୍ତି । ଗତବର୍ଷ ସି.ଏ.ଜି. ଓଡିଶାର କେତୋଟି ପ୍ରମୁଖ ମନ୍ଦିରକୁ ଅଡିଟ୍ କରିଥିଲେ । ପ୍ରାୟ ସବୁ ମନ୍ଦିରରେ ଅନିୟମିତତା, ଅର୍ଥ ତୋଷରପାତ ଭଳି ଅଭିଯୋଗ ତାଙ୍କର ଦୃଷ୍ଟିଗୋଚର ହୋଇଥିଲା । ପୂର୍ବରୁ ନିୟମ ଥିଲା ଯେ, ଟ୍ରଷ୍ଟ ବୋର୍ଡ ଗଠନର ସର୍ବୋଚ୍ଚ କ□ା ଥିଲେ କମିଶନର । ଏବେ କିନ୍ତୁ ଟ୍ରଷ୍ଟ ବୋର୍ଡ ଆଇନ ବିଭାଗର ବିନା ସୁପାରିଶରେ ବୋର୍ଡ ଗଠନ ହୋଇପାରିବ ନାହିଁ । କେବଳ ଦଳୀୟ ଲୋକଙ୍କୁ ଥଇଥାନ ପାଇଁ ସରକାର ଏ ପ୍ରକାର ବ୍ୟବସ୍ଥା ଲାଗୁ କରିଛନ୍ତି । ମନ୍ଦିର ଏବେ ଗୋଟିଏ ଗୋଟିଏ ରାଜନୈତିକ କ୍ଷେତ୍ରରେ ପରିଣତ ହେଲାଣି । ବିବାହ, ବ୍ରତ ପାଇଁ ମନ୍ଦିର ଏକ ପ୍ରକୃଷ୍ଟ ସ୍ଥାନ ବୋଲି ଲୋକମାନେ ଭାବୁଛନ୍ତି । କହିବାକୁ ଗଲେ ମନ୍ଦିର ଗୋଟିଏ ଗୋଟିଏ ବିବାହ ମଣ୍ଡପରେ ପରିଣତ ହୋଇଗଲାଣି । କିଭଳି ଅର୍ଥ ଆସିବ ସେଥିପାଇଁ ଟ୍ରଷ୍ଟ ବୋର୍ଡର ସଦସ୍ୟ ଓ ସରକାରୀ ବାବୁମାନେ ଚିନ୍ତା କରୁଛନ୍ତି । କାରଣ ଅଧିକ ଅର୍ଥ ଆସିଲେ ସେମାନଙ୍କ ହାତ ଚିକ୍କଣ ହେବ । ଭୋଗ ଦୋକାନ, ଫୁଲ ଦୋକାନ, ଦୀପ ଦୋକାନ ଆଦି ଅଧିକ ଦରରେ ନିଲାମ ହେବା ଫଳରେ ଭକ୍ତମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଆଜି ମନ୍ଦିରରେ ମନ୍ତ୍ର କିମ୍ବା ବେଦ ଧ୍ୱନୀ ଉଚ୍ଚାରଣ ହେଉନାହିଁ, ଗୀତା ଭାଗବତ ପାରାୟଣ ନାହିଁ । ଶଙ୍ଖ ବାଜୁନି, ବାଜୁଛି ମେସିନ ବାଜା । ସତେ ଯେପରି ମନ୍ଦିର ଏକ ବ୍ୟବସାୟିକ କେନ୍ଦ୍ରରେ ପରିଣତ ହୋଇଗଲାଣି । ଆଉ କିଛିଦିନ ପରେ ଲୋକମାନେ ଭୋଜିଭାତ ପାଇଁ ମନ୍ଦିର ଯିବେ, ଦିଅଁ ଦର୍ଶନ ପାଇଁ ନୁହେଁ । ମନ୍ଦିର ବେଢାରେ ପରିକ୍ରମା କଲେ ଯେଉଁ ଆଧ୍ୟାତ୍ମିକ ଭାବନା ମନକୁ ଆସିବା କଥା ତା' ଆସୁନାହିଁ । ସରକାର ମନ୍ଦିର ପରିଚାଳନା କରିବା ଫଳରେ ଭକ୍ତମାନଙ୍କର ଇନ୍‌ଭଲବ୍‌ମେଣ୍ଟ କମିଯାଉଛି । ଫଳରେ ଆମ ସମାଜର ଯୁବପୀଢି ଆମ୍ଭ ଧର୍ମ ଓ ସଂସ୍କୃତିଠାରୁ ଆସ୍ତେ ଆସ୍ତେ ଦୂରେଇ ଯାଉଛନ୍ତି । ସମ୍ବିଧାନପ୍ରଣେତା ଅତି ଚତୁରତାର ସହିତ ସମ୍ବିଧାନରେ ହିନ୍ଦୁମାନଙ୍କ ମୌଳିକ ଅଧିକାର ଯଥା: ଶିକ୍ଷା, ଧର୍ମ ଓ ସାଂସ୍କୃତିକ ଅଧିକାରକୁ କ୍ଷୁଣ୍ଣ କରି ସଂଖ୍ୟାଲଘୁମାନଙ୍କୁ ପୂର୍ଣ୍ଣ ଅଧିକାର ପ୍ରଦାନ କରିଛନ୍ତି । ସମ୍ବିଧାନର ଧାରା ୨୮ରେ ଉଲ୍ଲେଖ ଅଛି ଯେ, କୌଣସି ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଧାର୍ମିକ ଶିକ୍ଷା ଦିଆଯାଇପାରିବ ନାହିଁ । ଧାରା ୩୦ରେ କୁହାଗଲା ସଂଖ୍ୟାଲଘୁ ସଂପ୍ରଦାୟର ଲୋକମାନେ ସ୍ୱତନ୍ତ୍ର ବିଦ୍ୟାଳୟ ମାଧ୍ୟମରେ ସେମାନଙ୍କ ପିଲାମାନଙ୍କୁ ଧର୍ମଶିକ୍ଷା ଦେଇପାରିବେ ଓ ସେ ଅନୁଷ୍ଠାନକୁ ସରକାର ଅନୁଦାନ ଦେବେ । କେବଳ ହିନ୍ଦୁମାନେ ସରକାରୀ ଅନୁଦାନରେ ନିଜ ପିଲାମାନଙ୍କୁ ଧାର୍ମିକ ଶିକ୍ଷା ଦେଇପାରିବେ ନାହିଁ । ଠିକ୍ ସେହିଭଳି ଧାରା ୨୯ରେ ଉଲ୍ଲେଖ ଅଛି ଯେ ସଂଖ୍ୟାଲଘୁ ଶ୍ରେଣୀର ଲୋକମାନଙ୍କ କ୍ଷେତ୍ରରେ କଲଚରାଲ ରାଇଟ୍ ଇଜ୍ ଗ୍ୟାରେଣ୍ଟେଡ, କିନ୍ତୁ ହିନ୍ଦୁମାନଙ୍କ କ୍ଷେତ୍ରରେ ତାହା ମାଣ୍ଡାଟୋରୀ ନୁହେଁ । ସରକାର ଚାହିଁଲେ ଦୀପାବଳୀରେ ବାଣ ଫୁଟିବ ନାହିଁ କି ହୋଲିରେ ରଙ୍ଗ ଖେଳ ହେବନାହିଁ । ହିନ୍ଦୁମାନଙ୍କ ମୌଳିକ ଅଧିକାରକୁ ସମ୍ବିଧାନରେ ହନନ କରାଯାଇଛି । ଯେଉଁଥିପାଇଁ ଆଜି ୧୦୦ କୋଟି ହିନ୍ଦୁ ୟୁନିଫର୍ମ ସିଭିଲ କୋଡ୍ ଦାବି କରିଆସୁଛନ୍ତି । ସେମାନେ ଅଧିକ କିଛି ଦାବି କରୁନାହାନ୍ତି, କେବଳ ସଂଖ୍ୟାଲଘୁମାନଙ୍କ ସହିତ ସମାନ ଅଧିକାର ଦାବି କରୁଛନ୍ତି ।

ଭାରତବର୍ଷରେ ଅନେକ ସାଧୁସନ୍ଥ, ବୁଦ୍ଧିଜୀବୀ ଦୀର୍ଘବର୍ଷ ଧରି ମନ୍ଦିର ସରକାରୀ ନିୟନ୍ତ୍ରଣରୁ ମୁକ୍ତି ପାଇଁ ଦାବି କରିଆସୁଛନ୍ତି । ଓଡିଶାର ଦେବାଳୟ ବିମୋଚନମ୍ ଉତ୍କ୍ର ଦେଶ ଟ୍ରଷ୍ଟ ଦୀର୍ଘ ଦେଢବର୍ଷ ଧରି ମନ୍ଦିର ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ ପାଇଁ ସରକାରଙ୍କ ନିକଟରେ ଦାବି କରିଆସୁଛନ୍ତି ଓ ହିନ୍ଦୁମାନଙ୍କୁ ନିଜର ମୌଳିକ ଅଧିକାର ସଂପର୍କରେ ସଚେତନ କରୁଛନ୍ତି । ଗତ ମାସ ୧୬ ତାରିଖ ସନ୍ଧ୍ୟାରେ କଟକ ଶତାବ୍ଦୀ ଭବନରେ ମନ୍ଦିର ମୁକ୍ତି ସଂପର୍କରେ ବିଚାର ବିମର୍ଶ କରାଯିବା ପରେ ଏକ ଚାରିଜଣିଆ ପ୍ରତିନିଧି ମଣ୍ଡଳୀ ପ୍ରାକ୍ତନ ସିବିଆଇ ଡାଇରେକ୍ଟର ଶ୍ରୀ ଏମ. ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ମହାମହିମ ରାଜ୍ୟପାଳ, ଓଡିଶାଙ୍କୁ ସାକ୍ଷାତ କରି ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଦାବିପତ୍ରରେ ସମ୍ବିଧାନର ଧାରା ୧୨, ୨୫ ଓ ୨୬ ଗୁଡିକୁ ସଂଶୋଧନ କରିବା ସହିତ ଧାରା ୧୨(ଏ), ୧୨(ବି), ଧାରା ୨୫ରେ ଅନୁଚ୍ଛେଦ ୩ ଓ ଧାରା ୨୬ରେ ୨ଟି ନୂଆ ଅନୁଚ୍ଛେଦ ଅନ୍ତର୍ଭୁକ୍ତ କରାଯିବା ପାଇଁ ପ୍ରାର୍ଥନା କରାଯାଇଛି । ଏତଦ୍‌ବ୍ୟତୀତ ଭାରତବର୍ଷର ସମସ୍ତ ମନ୍ଦିରଗୁଡିକୁ ନିୟନ୍ତ୍ରଣମୁକ୍ତ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । କେନ୍ଦ୍ର ସରକାର ସମସ୍ତ ରାଜ୍ୟର ରିଲିଜିୟସ୍ ଏଣ୍ଡୋମେଣ୍ଟ ଆକ୍ଟଗୁଡିକୁ ଉଚ୍ଛେଦ କରି ଟେମ୍ପଲ ମ୍ୟାନେଜମେଣ୍ଟ ଆକ୍ଟ ସଂସଦରେ ପାରିତ କରିବାକୁ ଦାବିପତ୍ରରେ ସୁପାରିଶ କରାଯାଇଛି । ମନ୍ଦିରଗୁଡିକ ସୁପରିଚାଳନା ପାଇଁ ଭକ୍ତ, ପୂଜକ, ସନ୍ଥମାନଙ୍କୁ ନେଇ ରାଜ୍ୟସଭା ଢାଞ୍ଚାରେ ଏକ ସ୍ଥାୟୀ କମିଟି ପ୍ରତ୍ୟେକ ମନ୍ଦିରରେ କରାଯିବା ସହିତ ପ୍ରତି ୫ ବର୍ଷରେ ୫୦ ଭାଗ ଭକ୍ତଙ୍କୁ ମନ୍ଦିର କମିଟିରୁ ଅପସାରଣ କରି ନୂଆ ଭକ୍ତମାନଙ୍କୁ ସାମିଲ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଛି । ଏତଦ୍‌ବ୍ୟତୀତ ମନ୍ଦିର କମିଟିରୁ ପ୍ରତିନିଧିମାନଙ୍କୁ ନେଇ ଜିଲ୍ଲା ହିନ୍ଦୁ ଧର୍ମସଭା ଓ ଜିଲ୍ଲା ହିନ୍ଦୁସଭାରୁ ପ୍ରତିନିଧିମାନଙ୍କୁ ନେଇ ରାଜ୍ୟ ହିନ୍ଦୁ ଧର୍ମସଭା ଓ ରାଜ୍ୟ ହିନ୍ଦୁ ଧର୍ମସଭାର ପ୍ରତିନିଧିଙ୍କୁ ନେଇ ରାଷ୍ଟ୍ର ଧର୍ମସଭା ଗଠନ କରାଯିବାର ପ୍ରସ୍ତାବ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

ଶେଷରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କର ମନ୍ଦିରଗୁଡିକୁ ନିୟନ୍ତ୍ରଣରେ ରଖିବା ଯଦି ଏକାନ୍ତ ଲକ୍ଷ୍ୟ, ତାହାହେଲେ କେନ୍ଦ୍ର ସରକାର ସମ୍ବିଧାନର ମୁଖବନ୍ଧରେ ପଛରେ ସଂଯୋଗ କରାଯାଇଥିବା ସିକୁଲାର ଶବ୍ଦଟିକୁ ବାଦ୍ ଦେଇ ହିନ୍ଦୁଧର୍ମକୁ ରାଷ୍ଟ୍ରଧର୍ମ ଭାବେ ଘୋଷଣା କରନ୍ତୁ !

*-ଅବସରପ୍ରାପ୍ତ ପୋଲିସ ଅଫିସର,*
*ମୋ: ୮୨୪୯୨୮୧୫୬୭*

# ବୃକ୍ଷରୋପଣ ଦ୍ୱାରା ପ୍ରଦୂଷଣମୁକ୍ତ ବିଶ୍ୱ ଗଠନ ସମ୍ଭବ

**ସୁବାସ କୁମାର ତାରଣିଆଁ**



ବୃକ୍ଷ ଓ ମଣିଷ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ବୃକ୍ଷ ହିଁ ଜୀବନ । ବୃକ୍ଷ ଛାଡୁଥିବା ଅଙ୍ଗାରକାମ୍ଳକୁ ମଣିଷ ଅମ୍ଳଜାନ ଭାବରେ ଗ୍ରହଣ କରିଥାଏ । ସେଥିପାଇଁ ଗଛକୁ ମଣିଷର ବନ୍ଧୁ ବୋଲି କୁହାଯାଏ । ଗଛ ବିନା ମଣିଷ ତଥା ଜୀବଜଗତ ବଞ୍ଚିବା ଅସମ୍ଭବ । ଗଛ ସହିତ ମଣିଷର ସମ୍ପର୍କ କେଉଁ ଯୁଗରୁ ରହିଆସିଛି ତାହା ସଠିକ୍ ଜଣା ନଥିଲେ ମଧ୍ୟ ଏହା ମନୁଷ୍ୟ ପାଇଁ ଏକ ଅମୂଲ୍ୟ ସମ୍ପଦ । ଗଛ ଖରା, ବର୍ଷା, ଶୀତ ଓ କାକରରେ ଛିଡ଼ା ହୋଇ ଆମକୁ ଫୁଲ ଦେଉଛି, ଫଳ ଦେଉଛି, ଛାଇ ପ୍ରଦାନ କରୁଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତିଟି ବ୍ୟକ୍ତିକୁ ନିଜର ସନ୍ତାନ ଭାବେ ସେବା ଯୋଗାଇ ଆସିଛି, କିନ୍ତୁ କେବେ ବି ଦିନେ ଅଭିଯୋଗ କରିନି କାହିଁକି ତୁମେ ମୋ ଫଳ ଖାଉଛ, ମୋ ଛାଇରେ ବିଶ୍ରାମ ନେଉଛ । ଆମ ବାପା, ଅଜା ଅମଳରୁ ଲଗାଯାଇଥିବା ଗଛକୁ ଏବେ ମଧ୍ୟ ଆମେ ଉପଭୋଗ କରୁଛୁ ଓ ଆମ ପର ପୀଢ଼ି ମଧ୍ୟ ଉପଭୋଗ କରିଚାଲିବେ । ପୃଥିବୀରେ ଅନେକ ପ୍ରକାରର ଗଛ ଅଛି ସେଥିମଧ୍ୟରୁ କେତେକ ଦେବଯୋଗ୍ୟ ଗଛ ଓ ଆଉ କେତେକ ଔଷଧୀୟ ଗଛ । ବେଲ, ଅଁଳା, ଅଶ୍ୱ□, ବଉଳ, ବର ଆଦି ଗଛମାନଙ୍କୁ ପୂଜା କରାଯାଉଥିବା ବେଳେ ଅନେକ ପ୍ରକାର ଗଛରୁ ବିଭିନ୍ନ ପ୍ରକାର ଔଷଧ ତିଆରି ହେଉଛି । ଗଛର ଫୁଲ, ଫଳ ଓ ପତ୍ର ମଧ୍ୟ ବିଭିନ୍ନ ଦେବାଦେବୀଙ୍କୁ ଅର୍ପଣ କରାଯାଇଥାଏ । ନିମ୍ବ ଗଛରୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଦାରୁ ମଧ୍ୟ ତିଆରି ହୋଇଥାଏ । ଆମ ଦେଶ ଭାରତ ହେଉଛି ମୁନିଋଷିମାନଙ୍କ ଦେଶ, ଋଷି ପରମ୍ପରା ଆମର ଧର୍ମ । ଏହି ମୁନିଋଷିମାନେ ମଧ୍ୟ ଗଛ ତଳେ ବସି ଯୋଗ ସାଧନା କରିବା ସହିତ ବିଭିନ୍ନ ଗଛର ପତ୍ର, ଫୁଲ, ଫଳ ଓ ଚେରରୁ ବିଭିନ୍ନ ପ୍ରକାର ଆୟୁର୍ବେଦ ଔଷଧ ତଆରି କରିଥାନ୍ତି ଏବଂ ଏହି ଔଷଧକୁ ବ୍ୟବହାର କରି ଲୋକମାନେ ବିଭିନ୍ନ ଦୂରାରୋଗ୍ୟରୁ ମୁକ୍ତି ପାଇଥାନ୍ତି । ଏବେ ବି ଭାରତରେ ବହୁ ଲୋକ ଏହି ଆୟୁର୍ବେଦ ଔଷଧ ବ୍ୟବହାର କରୁଛନ୍ତି । ସେହିପରି ଅନେକ ପଶୁ, ପକ୍ଷୀ ଓ ସରୀସୃପମାନଙ୍କୁ ମଧ୍ୟ ଗଛ ଆଶ୍ରୟ ଦେଇ ବିଭିନ୍ନ ବିପଦ ଆପଦ, ଖରା ଓ ବର୍ଷାରୁ ରକ୍ଷାକରିଥାଏ । ବିଭିନ୍ନ ବୁଲା ବିକାଳୀ, ଠେଲାଗାଡ଼ି ଦୋକାନୀମାନେ ଗଛ ତଳେ ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଉଥିଲା ବେଳେ ପ୍ରବଳ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ପଥଚାରୀଙ୍କ ସମେତ ବୁଲା ଗୋରୁଗାଈ ଓ ପଶୁପକ୍ଷୀମାନେ ମଧ୍ୟ ଗଛର ଛାଇରେ କ୍ଳାନ୍ତି ମେଣ୍ଟାଇଥା'ନ୍ତି । ତେବେ ଗଛ ଆମର ଏତେ ଉପକାରରେ ଆସୁଥିଲେ ମଧ୍ୟ କିଛି ଅସାଧୁ ବ୍ୟବସାୟୀଙ୍କ ଯୋଗୁଁ ଶହ ଶହ ଗଛ କଟାଚାଲିଛି । ଏହି ବ୍ୟବସାୟୀମାନେ ମୂଲ୍ୟବାନ ଗଛ କାଟି ତାକୁ ଚଢା ଦରରେ ଚୋରା ଚାଲାଣ କରି ମାଲେମାଲ ହେଉଛନ୍ତି । ସେପଟେ ଶିଳ୍ପ ପ୍ରତିଷ୍ଠା ଓ କଳକାରଖାନା ତିଆରି ପାଇଁ ଶହ ଶହ ଜଙ୍ଗଲ ମରୁଭୂମିରେ ପରିଣତ ହେଉଛି । ବଳି ପଡୁଛନ୍ତି ଲକ୍ଷ ଲକ୍ଷ ସଂଖ୍ୟାର ଗଛ । ଏହି କଳ କାରଖାନାର ମାଲିକମାନେ ପ୍ରଶାସନିକ ଅଧିକାରୀଙ୍କ ସହିତ ସଲାସୁତୁରା ହୋଇ ମୋଟା ଅଙ୍କର ଉତ୍କୋଚ ଦେଇ ଗଛ କଟାଯାଇ ସେଠାରେ ବିଭିନ୍ନ ପ୍ରକାର କଳକାରଖାନା ତିଆରି ହେଉଛି । ଗଛ କାଟିବା ଯୋଗୁ ପରିବେଶ ତ ପ୍ରଦୂଷଣ ହେଉଛି, ଏହି କଳକାରଖାନା ପ୍ରତିଷ୍ଠା ଫଳରେ ଏହାର ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ମିଶୁଥିବା ବେଳେ ଏଥିରୁ ନିର୍ଗତ କେମିକାଲଯୁକ୍ତ ମଇଳା ପାଣି ନଦୀ ଓ ନାଳରେ ମିଶି ବିଷାକ୍ତ ହେବାରେ ଲାଗୁଛି । ଫଳରେ ଏହି ନଦୀ ନାଳର ପାଣିକୁ ବ୍ୟବହାର କରି ମଣିଷ ଓ ପଶୁପକ୍ଷୀମାନେ ମୃତ୍ୟୁବରଣ କରିବା ସହିତ ମାରାତ୍ମକ ରୋଗର ଶିକାର ହେଉଛନ୍ତି । କଳକାରଖାନାକୁ ଲାଗି ରହିଥିବା ବହୁ ଚାଷ ଉପଯୋଗୀ ଜମିରେ ବିଷାକ୍ତ ଧୂଆଁ ଓ କେମିକାଲ ପାଣି ମାଡୁଥିବାରୁ ଉକ୍ତ ଜମିରେ ଫସଲ ହୋଇପାରୁନାହିଁ । ଫଳରେ ଶହ ଶହ ଚାଷୀ ନିଜର ଜୀବିକା ହରାଇ ବସୁଛନ୍ତି । ଏଥିପ୍ରତି ପ୍ରଶାସନ କିମ୍ବା କଳକାରଖାନାର ମାଲିକମାନେ ସଚେତନ ହେଉନାହାଁନ୍ତି, ବରଂ ଅଭିଯୋଗ କଲେ ମିଳୁଛି ହତ୍ୟା ଧମକ । ଗୋଟିଏ ପଟେ ପରିବେଶକୁ ସୁରକ୍ଷା ଦେବାକୁ ଯାଇ ବୃକ୍ଷରୋପଣ ସହ ଏହାର ସୁରକ୍ଷା ନେବାକୁ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଉଥିବା ବେଳେ ଅପରପକ୍ଷରେ ଶିଳ୍ପ ପ୍ରତିଷ୍ଠା ଓ କଳକାରଖାନା ପ୍ରତିଷ୍ଠା ନାମରେ କଟା ଚାଲିଛି ଲକ୍ଷ ଲକ୍ଷ ସଂଖ୍ୟାରେ ଗଛ । ଗଛ କାଟିବା ଓ ଜଙ୍ଗଲକୁ ଧ୍ୱଂସ କରୁଥିବା ଲୋକମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କ ନାମରେ ଅପରାଧିକ ମାମଲା ରୁଜୁ କରାଗଲେ, ତେବେ ହୁଏତ ଜଙ୍ଗଲ କ୍ଷୟକୁ କିଛ ପରିମାଣରେ ରୋକାଯାଇପାରିବ ।

ସେହିପରି ବିଭିନ୍ନ କାରଣରୁ ଜଙ୍ଗଲ ପରିସୀମା ଓ ଘନତ୍ୱ ହ୍ରାସ ପାଇବାରେ ଲାଗିଛି । ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ପାଇଁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ସବୁଜିମା ଦିନକୁ ଦିନ କମିବାରେ ଲାଗିଛି । ପ୍ରତିବର୍ଷ ବନୀକରଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଉଛି ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ଯୋଗୁ ଗଛଗୁଡ଼ିକ ତିଷ୍ଠିପାରୁନାହିଁ । କେବଳ ନାମକୁ ମାତ୍ର ଜଙ୍ଗଲ ସୃଷ୍ଟି କରାଯାଉଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ । ଜଙ୍ଗଲ ପଦା ହେବା ଫଳରେ ମୂଲ୍ୟବାନ କିସମର ଗଛ ଲୋପ ପାଇଯାଉଛି । ଗଛ ନଷ୍ଟ ହେବା ଫଳରେ ଜଳସ୍ତର ହ୍ରାସ ପାଉଛି ଏବଂ ମୃ□କା କ୍ଷୟ ହେଉଛି । ଏହାର ପ୍ରଭାବରେ ବଣ୍ୟପ୍ରାଣୀ ଜନବସତିକୁ ମୁହାଁଉଛନ୍ତି । ଏହି ବନ୍ୟପ୍ରାଣୀମାନେ ଜନବସତିକୁ ମୁହାଁଇ ଲୋକମାନଙ୍କୁ ଆକ୍ରମଣ କରୁଛନ୍ତି । ଫଳରେ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି । ବହୁ ପ୍ରଜାତିର ଜୀବଜନ୍ତୁ, ପଶୁପକ୍ଷୀ, କୀଟପତଙ୍ଗ ଲୋପ ପାଇବାକୁ ଲାଗିଲାଣି । ଜଳାଭାବ ଯୋଗୁ ମାଟି ଶୁଷ୍କ ହୋଇ ଯାଉଥିବାରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଚାଷରେ ବାଧା ସୃଷ୍ଟି ହେବା ଫଳରେ ଚାଷୀମାନେ ଚାଷକାର୍ଯ୍ୟରେ କ୍ଷତିର ସମ୍ମୁଖୀନ ହୋଇ ଆତ୍ମହତ୍ୟା କରୁଛନ୍ତି । ଜଳସ୍ତର ହ୍ରାସ ପାଉଥିବାରୁ ଜଳ ସଙ୍କଟ ଉଗ୍ରରୂପ ଧାରଣ କଲାଣି । ପାନୀୟ ଜଳ ପାଇଁ ଲୋକମାନେ ଡହଳ ବିକଳ ହେଉଛନ୍ତି । ଏଣୁ ବହୁ ପରିମାଣରେ ଗଛ ଲଗାଯାଇ ଜଙ୍ଗଲ ସୃଷ୍ଟି କରିବା ସହ ତାହାର ଉପଯୁକ୍ତ ସୁରକ୍ଷା ନିଆଯାଇ କିପରି ଜଙ୍ଗଲ ପରିସୀମା ବୃଦ୍ଧି ପାଇବା ସହ ଏହାର ସବୁଜିମା ଓ ଘନତ୍ୱ ଫେରି ପାଇବ ପ୍ରଶାସନ ପଦକ୍ଷେପ ନେବା ଆବଶ୍ୟକ ।

ସମ୍ପ୍ରତି ବୃକ୍ଷ ଛେଦନ ଫଳରେ ଜଙ୍ଗଲ ଆଜି ଧ୍ୱଂସାଭିମୁଖୀ । ପ୍ରତିଦିନ ଶହ ଶହ ବୃକ୍ଷ ବଳି ପଡୁଛନ୍ତି । ଛଅ ଋତୁ ଆଜି ସାତ ସପନ । ଜୈବବିବିଧତା ବି ଧ୍ୱଂସାଭିମୁଖୀ । ଜଙ୍ଗଲ ଧ୍ୱଂସ ଫଳରେ ପୃଥିବୀରେ ଦେଖାଦେଇଛି ଅନେକ ସମସ୍ୟା । ସୃଷ୍ଟି ହେଉଛି ବିଶ୍ୱତାପନ ଆଉ ବୃଦ୍ଧି ପାଉଛି ପୃଥିବୀର ତାପମାତ୍ରା । ଗ୍ଲୋବାଲ ୱାର୍ମିଂର ପ୍ରଭାବ ମଣିଷର ଜୀବନକୁ ଦୁର୍ବିସହ କରିବାରେ ଲାଗିଛି । ଦେଖାଦେଇଛି ଭୂତଳ ଜଳସ୍ତର ହ୍ରାସ, ବିବ□ମାନ ପରିବେଶ, ଜଳବାୟୁ ଓ ବିପର୍ଯ୍ୟୟମୁଖୀ ସବୁଜିମା ଜୀବଜଗତକୁ ଠେଲି ଦେଇଛି । ବୃକ୍ଷ ଛେଦନ ଓ ଜଙ୍ଗଲ କ୍ଷୟ ଯୋଗୁଁ ଏହାର ପ୍ରଭାବ ଜୀବଜଗତ ଉପରେ ପଡ଼ିଛି । ଉ□ାପ ବୃଦ୍ଧି ଯୋଗୁ ହିମାଳୟରେ ଥିବା ବରଫ ତରଳିବା ସହିତ ଉଭୟ ମେରୁରେ ଥିବା ବରଫ ଓ ଆଣ୍ଟାର୍କିକା ଆଦି ସାଗର ମଧ୍ୟରେ ଥିବା ବରଫ ତରଳିବାରେ ଲାଗିଛି, ଯାହା ସମଗ୍ର ବିଶ୍ୱ ପାଇଁ ଏକ ଚିନ୍ତାଜନକ ବିଷୟରେ ପରିଣତ ହୋଇଛି । ପରିବେଶ ବିଜ୍ଞାନୀମାନେ ମତପୋଷଣ କରିଛନ୍ତି, ପୃଥିବୀର ଉ□ାପ ଯେଉଁଭଳି ଭାବରେ ବୃଦ୍ଧି ପାଉଛି, ଖୁବ୍ କମ୍ ବର୍ଷ ମଧ୍ୟରେ ବିଶ୍ୱର ଅନେକ ସହର ଜଳମଗ୍ନ ହୋଇଯିବ, ଅନେକ ଗ୍ରାମ ସମୁଦ୍ର ଭିତରେ ଲୀନ ହୋଇଯିବ । ଜୀବଜଗତର ସୃଷ୍ଟି ଓ ସ୍ଥିତି ପାଇଁ ବନ ତଥା ବନ୍ୟଜନ୍ତୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରକୃତିକୁ ସୁରକ୍ଷିତ ରଖିଲେ ପ୍ରକୃତି ଆମକୁ ସୁରକ୍ଷା ଦେବ । ବିଭିନ୍ନ ପ୍ରକାର ପ୍ରାକୃତିକ ଦୁର୍ବିପାକ ଓ ବାତ୍ୟାରେ ଅସଂଖ୍ୟ ଗଛ ନଷ୍ଟ ହେବା ଫଳରେ ତାର ପ୍ରଭାବ ଆମ ସମାଜ ଉପରେ ପଡୁଛି । ବୃକ୍ଷ ଛେଦନ ଫଳରେ ଅଂଶୁଘାତରେ ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ମନୁଷ୍ୟ, ପଶୁ ଓ ପକ୍ଷୀ ମୃତ୍ୟୁବରଣ କରୁଛନ୍ତି । ପରିବେଶ ପ୍ରଦୂଷଣ ହେବାରେ ଲାଗିଛି । ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଏବଂ ପରିବେଶକୁ ସୁରକ୍ଷା ଦେବାକୁ ଯାଇ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ଅନୁଷ୍ଠାନମାନଙ୍କ ତରଫରୁ ବ୍ୟାପକ ବୃକ୍ଷରୋପଣ କରାଯାଇ ଏହାର ସୁରକ୍ଷା ନିଆଯିବା ସହ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ସଚେତନତାର ବା□ା ବଢା ଚାଲିଥିବା ବେଳେ ସରକାରଙ୍କ ତରଫରୁ ମଧ୍ୟ ବ୍ୟାପକ ପଦକ୍ଷେପ ନିଆଯାଇଛି । ବିଭିନ୍ନ ବଦାନ୍ୟ ବ୍ୟକ୍ତି ତଥା ଦାତବ୍ୟ ଅନୁଷ୍ଠାନମାନଙ୍କ ତରଫରୁ ସୁସ୍ଥ ସମାଜ ଓ ସବୁଜିମାମୟ ପରିବେଶ ସୃଷ୍ଟି କରିବା ପାଇଁ ମାଗଣାରେ ବିଭିନ୍ନ ଚାରା ବଣ୍ଟନ କରାଯାଇ ଏହାର ପ୍ରଚାର ଓ ପ୍ରସାର ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି ।

ବ□ମାନ ସମୟ ଆସିଛି ଅଧିକ ସଂଖ୍ୟକ ଗଛ ଲଗାଯାଇ ତାର ରକ୍ଷଣାବେକ୍ଷଣ ପାଇଁ ପରିବେଶବିତ୍-ମାନେ ଉଦ୍ୟମ କରିବା ଉଚିତ୍ । ସେମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ପ୍ରତିଟି ମଣିଷ ଗୋଟିଏ ଗୋଟିଏ ଗଛ ଲଗାଇବା ନିହାତି ଆବଶ୍ୟକ । ରାଜ୍ୟ ସରକାର ଓ ପରିବେଶବିତ୍‌ମାନଙ୍କ ଉଦ୍ୟମରେ ଅଧିକ ସଂଖ୍ୟକ ଜଙ୍ଗଲ ସୃଷ୍ଟି ହେବା ଦରକାର । ଅଧିକ ସଂଖ୍ୟକ ଜଙ୍ଗଲ ସୃଷ୍ଟି ହେଲେ କିଛି ମାତ୍ରାରେ ପରିବେଶ ପ୍ରଦୂଷଣକୁ ରୋକାଯାଇପାରିବ । ବିଶ୍ୱ ପରିବେଶ ଦିବସ ଅବସରରେ ସଭିଏ ଆସନ୍ତୁ, ଗଛଟିଏ ଲଗାଇବା ଓ ବିଶ୍ୱକୁ ପ୍ରଦୂଷଣମୁକ୍ତ କରିବା, ଏହା ହିଁ ହେବ ପରିବେଶ ସୁରକ୍ଷା ପାଇଁ ସବୁଜ ସଂକଳ୍ପ ।

*-କଣ୍ଡି, ବାହାରଣା, ବାଲିକୁଦା, ଜଗତସିଂହପୁର,*
*ମୋ: ୮୩୨୮୮୪୦୨୧୪*




# ନବୀନଙ୍କ ନୂଆ ମନ୍ତ୍ରିମଣ୍ଡଳ

## ମୋଟ ୨୧ ଜଣ ମନ୍ତ୍ରୀ ନେଲେ ଶପଥ, ୧୩ କ୍ୟାବିନେଟ୍ ଓ ୮ଜଣ ରାଷ୍ଟ୍ରମନ୍ତ୍ରୀ
## ମନ୍ତ୍ରିମଣ୍ଡଳରେ ୫ ଜଣ ମହିଳା ସାମିଲ



ଭୁବନେଶ୍ୱର,୬।୬(ପି.ଏନ): ନବୀନ ପଟ୍ଟନାୟକଙ୍କ ନୂଆ ମନ୍ତ୍ରିମଣ୍ଡଳର ୨୧ ଜଣ ମନ୍ତ୍ରୀ ରବିବାର ଦିନ ଶପଥ ଗ୍ରହଣ କରିଛନ୍ତି । ଲୋକସେବା ଭବନର କନ୍ଭେନସନ୍ ହଲରେ ଏଥିପାଇଁ ଭବ୍ୟ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଆଜି ମୋଟ ୨୧ଜଣ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏଥିରେ ୧୩ଜଣ କ୍ୟାବିନେଟ୍ ଓ ୮ଜଣ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଅଛନ୍ତି। ଏହି ନୂଆ ମନ୍ତ୍ରିମଣ୍ଡଳରେ ୫ ଜଣ ମହିଳାଙ୍କୁ ମଧ୍ୟ ମନ୍ତ୍ରୀ ପଦ ମିଳିଛି। ଏମାନଙ୍କ ଭିତରୁ ୩ଜଣଙ୍କୁ କ୍ୟାବିନେଟ୍ ଓ ୨ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିଛି।

ସବୁଠାରେ ପ୍ରଥମେ ଜଗନ୍ନାଥ ସାରକା କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ବେଳେ ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରମିଳା ମଲ୍ଲିକ, ଉଷା ଦେବୀ, ପ୍ରଫୁଲ୍ଲ ମଲ୍ଲିକ, ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ପ୍ରଦୀପ ଅମାତ, ନବକିଶୋର ଦାସ, ଅଶୋକ ଚନ୍ଦ୍ର ପଣ୍ଡା, ଟୁକୁନି ସାହୁ ଓ ରାଜେନ୍ଦ୍ର ଢୋଲକିଆ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ।

ଏହା ପରେ ରାଷ୍ଟ୍ରମନ୍ତ୍ରୀମାନଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ରାଷ୍ଟ୍ରମନ୍ତ୍ରୀ ଭାବେ ପ୍ରଥମେ ସମୀରରଞ୍ଜନ ଦାଶ ଶପଥ ଗ୍ରହଣ କରିଥିଲେ। ତାପରେ ଅଶ୍ୱିନୀ କୁମାର ପାତ୍ର, ପ୍ରୀତିରଞ୍ଜନ ଘଡ଼େଇ, ଶ୍ରୀକାନ୍ତ ସାହୁ, ତୁଷାରକାନ୍ତି ବେହେରା, ରୋହିତ ପୂଜାରୀ, ରୀତା ସାହୁ ଓ ବାସନ୍ତୀ ହେମ୍ବ୍ରମ ଶପଥ ଗ୍ରହଣ କରିଥିଲେ।

ଏହି ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହାଛଡ଼ା କେତେକ ବିଧାୟକ, ସାଂସଦ, ମୁଖ୍ୟ ଶାସନ ସଚିବ ଓ ପୁଲିସ୍ ମହାନିର୍ଦ୍ଦେଶକ ପ୍ରମୁଖ ମଧ୍ୟ ନୂଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ଥିଲେ ।

## କ୍ୟାବିନେଟ ପାହ୍ୟା


ଜଗନ୍ନାଥ ସାରକା
ଆଇନ, ଏସ୍‌ଟି/ଏସ୍‌ସି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ


ନିରଞ୍ଜନ ପୂଜାରୀ
ଅର୍ଥ ଏବଂ ସଂସଦୀୟ ବ୍ୟାପାର


ରଣେନ୍ଦ୍ର ପ୍ରତାପ ସ୍ୱାଇଁ
କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ


ପ୍ରଦୀପ କୁମାର ଅମାତ
ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ସୂଚନା ଓ ଲୋକ ସମ୍ପର୍କ


ପ୍ରମିଳା ମଲ୍ଲିକ
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା


ଉଷା ଦେବୀ
ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ


ପ୍ରଫୁଲ କୁମାର ମଲ୍ଲିକ
ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ


ପ୍ରତାପ କେଶରୀ ଦେବ
ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଶକ୍ତି


ଅତନୁ ସବ୍ୟସାଚୀ ନାୟକ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ


ନବ କିଶୋର ଦାସ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ


ଟୁକୁନି ସାହୁ
ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ


ଅଶୋକ ଚନ୍ଦ୍ର ପଣ୍ଡା
ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ, ବିଜ୍ଞାନ ଓ କାରିଗରୀ ଏବଂ ସାଧାରଣ ଉଦ୍ୟୋଗ


ରାଜେନ୍ଦ୍ର ଢୋଲକିଆ
ଯୋଜନା ଓ ସଂଯୋଜନା

## ରାଷ୍ଟ୍ର ପାହ୍ୟା (ସ୍ୱାଧୀନ)


ସମୀର ରଞ୍ଜନ ଦାଶ
ବିଦ୍ୟାଳୟ ଓ ଗଣଶିକ୍ଷା


ଅଶ୍ୱିନୀ କୁମାର ପାତ୍ର
ପର୍ଯ୍ୟଟନ, ଓଡିଆ ଭାଷା ଓ ସଂସ୍କୃତି, ଅବକାରୀ


ପ୍ରୀତି ରଞ୍ଜନ ଘଡ଼େଇ
ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା


ଶ୍ରୀକାନ୍ତ ସାହୁ
ଶ୍ରମ, ଇଏସ୍‌ଆଇ


ତୁଷାରକାନ୍ତି ବେହେରା
ଗୃହ ରାଷ୍ଟ୍ରମନ୍ତ୍ରୀ, କ୍ରୀଡ଼ା, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେସନ ଟେକ୍ନୋଲୋଜି


ରୋହିତ ପୂଜାରୀ
ଉଚ୍ଚଶିକ୍ଷା


ରୀତା ସାହୁ
ହସ୍ତତନ୍ତ ଓ ବୟନଶିଳ୍ପ


ବାସନ୍ତୀ ହେମ୍ବ୍ରମ
ମହିଳା ଓ ଶିଶୁ ବିକାଶ, ମିଶନ୍ ଶକ୍ତି

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟଭିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମାରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ତ୍ର ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଔକ୍ଷପ୍ଟ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ତ୍ର ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ।

## କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା,୬।୬ (ପି.ଏନ): କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସୋମବାର ସକାଳ ୭.୩୦ଘଟିକା ଠାରୁ ପୂର୍ବାହ୍ନ ୧୧.୦୦ଘଟିକା ପର୍ଯ୍ୟନ୍ତ କେନ୍ଦ୍ରାପଡା ପୌରସଂସ୍ଥା ଟାଉନ ହଲ ପରିସରରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସନ୍ଦୀପ ସମ୍ପଦ ମଡକର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗାପ୍ରସାଦ ମହାରଣା, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀ ଯୋଗଦେଇ ଅଭିଯୋଗ ଶୁଣାଣିରେ ସହାୟତା ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୧୧୫ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୨ଗୋଟି ସାମୁହିକ ଆଭିଯୋଗ ଏବଂ ୧୦୩ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ବ୍ୟକ୍ତିଗତ ଅଭିଯୋଗ ମଧରେ ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ଜମିଜମା ସମସ୍ୟା, ରାସନକାର୍ଡ ପ୍ରଦାନ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା, ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ ଜନିତ ଦରଖାସ୍ତ ଗୁଡିକ ଥିଲା।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୬ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

# ମନ୍ତ୍ରିମଣ୍ଡଳରେ ୧୭ ଜିଲ୍ଲାର ପ୍ରତିନିଧିତ୍ୱ

## – ୪ ଜିଲ୍ଲାରେ ଦୁଇ ଜଣ ଲେଖାଏଁ ମନ୍ତ୍ରୀ – ୧୩ ଜିଲ୍ଲା ମନ୍ତ୍ରୀ ଶୂନ୍ୟ

ଭୁବନେଶ୍ୱର ,୬।୬(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ମନ୍ତ୍ରିମଣ୍ଡଳରେ ୧୭ଟି ଜିଲ୍ଲାର ପ୍ରତିନିଧିତ୍ୱ ରହିଛି । ୧୩ଟି ଜିଲ୍ଲାରୁ ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ ନାହିଁ । ଚାରୋଟି ଜିଲ୍ଲାରୁ ୨-୨ ଜଣ ମନ୍ତ୍ରୀ ରହିଛନ୍ତି ।

ମନ୍ତ୍ରୀପଦ ମିଳିଥିବା ୧୭ ଜିଲ୍ଲା ମଧରୁ ଯାଜପୁର, ଗଞ୍ଜାମ ଜିଲ୍ଲା, ପୁରୀ ଏବଂ କେନ୍ଦ୍ରାପଡା ଜିଲ୍ଲାରୁ ୨ ଜଣ ଲେଖାଏଁ ମନ୍ତ୍ରୀ ପଦ ପାଇଛନ୍ତି । ଯାଜପୁର ଜିଲ୍ଲାରୁ ମନ୍ତ୍ରୀ ପଦ ପାଇଥିବା ବିଧାୟକ ମାନେ ହେଉଛନ୍ତି ଯାଜପୁର ଜିଲ୍ଲାରୁ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଏବଂ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ । ସେହିପରି ଗଞ୍ଜାମ ଜିଲ୍ଲାରୁ ଚିକିଟି ବିଧାୟିକା ଉଷା ଦେବୀ ଏବଂ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମନ୍ତ୍ରୀ ହୋଇଛନ୍ତି । ପୁରୀ ଜିଲ୍ଲାରୁ କାକଟପୁର ବିଧାୟକ ତୁଷାରକାନ୍ତୀ ବେହେରା ଏବଂ ନିମାପଡାରୁ ସମୀର ରଞ୍ଜନ ଦାସ ଏବଂ କେନ୍ଦ୍ରାପଡା ଜିଲ୍ଲାରୁ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଏବଂ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମନ୍ତ୍ରିମଣ୍ଡଳରେ ରହିଛନ୍ତି ।

ସେହିପରି ୧୩ ଜିଲ୍ଲାରେ ଜଣେ ଲେଖାଏଁ ମନ୍ତ୍ରୀ ପଦ ପାଇଛନ୍ତି । ରାୟଗଡା ଜିଲ୍ଲାରୁ ବିଷମ କଟକ ବିଧାୟକ ଜଗନ୍ନାଥ ସାରକା, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, କଟକ ଜିଲ୍ଲାରୁ ଆଠଗଡ ବିଧାୟକ ରଣେନ୍ଦ୍ର ପତାପ ସ୍ୱାଇଁ ଢେଙ୍କାନାଳ ଜିଲ୍ଲାରୁ କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ, ଝାରସୁଗୁଡା ଜିଲ୍ଲାରୁ ନବ କିଶୋର ଦାସ, ଖୋର୍ଦ୍ଧା ଜିଲ୍ଲାରୁ ଅଶୋକ ଚନ୍ଦ୍ର ପଣ୍ଡା, ବୌଦ୍ଧ ଜିଲ୍ଲାରୁ ପ୍ରଦୀପ କୁମାର ଅମାତ, ଟିଟିଲାଗଡରୁ ଟୁକୁନି ସାହୁ, ନୂଆପଡା ଜିଲ୍ଲାରୁ ରାଜେନ୍ଦ୍ର ଢୋଲକିଆ, ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସମ୍ବଲପୁର ଜିଲ୍ଲାରୁ ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ବରଗଡ ଜିଲ୍ଲାରୁ ବିଜେପୁର ବିଧାୟିକା ରୀତା ସାହୁ, ମୟୁରଭଞ୍ଜ ଜିଲ୍ଲାରୁ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ୍ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି ।

ସେହିଭଳି ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ ପାଇ ନ ଥିବା ଜିଲ୍ଲା ଗୁଡିକ ମଧ୍ୟରେ ମାଲକାନାଗିରି, ଗଜପତି, ଜଗତସିଂପୁର, ଭଦ୍ରକ, ନୟାଗଡ, କୋରାପୁଟ, ସୁନ୍ଦରଗଡ, କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ, ଅନୁଗୁଳ, କେନ୍ଦୁଝର ଏବଂ ଦେବଗଡ ସାମିଲ ରହିଛି ।

# ନୂଆ ମନ୍ତ୍ରୀଙ୍କ ବିଭାଗ ବଣ୍ଟନ

ଭୁବନେଶ୍ୱର, ୬।୬(ପି.ଏନ): ଆଜି ଶପଥ ଗ୍ରହଣ କରିଥିବା ନୂଆ ମନ୍ତ୍ରୀଙ୍କ ବିଭାଗ ବଂଟନ କରାଯାଇଛି । କେଉଁ ମନ୍ତ୍ରୀଙ୍କୁ କେଉଁ ବିଭାଗ ପ୍ରଦାନ କରାଯାଇଛି ତାହା ନିମ୍ନରେ ପ୍ରଦାନ କରାଯାଇଛି ।

### କ୍ୟାବିନେଟ ମନ୍ତ୍ରୀ

ନିରଞ୍ଜନ ପୂଜାରୀ- ଅର୍ଥ, ସଂସଦୀୟ ବ୍ୟାପାର ମନ୍ତ୍ରୀ
ଜଗନ୍ନାଥ ସାରକ- ଆଦିବାସୀ କଲ୍ୟାଣ, ଆଇନ ମନ୍ତ୍ରୀ
ରଣେନ୍ଦ୍ର ପ୍ରତାପ ସ୍ୱାଇଁ- କୃଷି ଓ ମତ୍ସ୍ୟ ସମ୍ପଦ
ପ୍ରମିଳା ମଲ୍ଲିକ- ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ
ଉଷା ଦେବୀ- ଗୃହ ନିର୍ମାଣ ଓ ସହରାଂଚଳ ବିକାଶ
ପ୍ରଫୁଲ୍ଲ ମଲ୍ଲିକ- ଖଣି ଓ ଇସ୍ପାତ, ପୂର୍ତ୍ତ
ପ୍ରତାପ କେଶରୀ ଦେବ- ଶିଳ୍ପ ଓ ଶକ୍ତି, ଏମଏସଏମଇ
ଅତନୁ ସବ୍ୟସାଚୀ ନାୟକ- ଯୋଗାଣ ଓ ସମବାୟ
ପ୍ରଦୀପ କୁମାର ଅମାତ- ଜଙ୍ଗଲ ଓ ପରିବେଶ , ପଂଚାୟିତିରାଜ, ସୂଚନା ଲୋକସମ୍ପର୍କ
ନବକିଶୋର ଦାଶ- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ
ଅଶୋକ ଚନ୍ଦ୍ର ପଣ୍ଡା- ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଭିନ୍ନକ୍ଷମ ଶସକ୍ତିକରଣ
ଟୁକୁନି ସାହୁ- ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ
ରାଜେନ୍ଦ୍ର ଢୋଲକିଆ- ଯୋଜନା ଓ ସଂଯୋଜନ ମନ୍ତ୍ରୀ

### ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)

ସମୀର ରଂଜନ ଦାଶ- ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ
ଅଶ୍ୱିନୀ କୁମାର ପାତ୍ର- ପର୍ଯ୍ୟଟନ, ଓଡ଼ିଆ ଭାଷା ଓ ସଂସ୍କୃତି, ଅବକାରୀ ମନ୍ତ୍ରୀ
ପ୍ରୀତିରଞ୍ଜନ ଘଡ଼େଇ- ଗ୍ରାମ୍ୟ ଉନ୍ନୟନ, ଦକ୍ଷତା, ବୈଷୟିକ ଶିକ୍ଷା
ଶ୍ରୀକାନ୍ତ ସାହୁ- ଶ୍ରମ ଓ ଇଏସଆଇ ମନ୍ତ୍ରୀ
ତୁଷାରକାନ୍ତି ବେହେରା- କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ
ରୋହିତ ପୂଜାରୀ- ଉଚ୍ଚ ଶିକ୍ଷା ମନ୍ତ୍ରୀ
ରୀତା ସାହୁ- ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ
ବାସନ୍ତୀ ହେମ୍ବ୍ରମ୍- ମହିଳା ଓ ଶିଶୁ କଲ୍ୟାଣ, ମିଶନ ଶକ୍ତି

### ରାଷ୍ଟ୍ର ମନ୍ତ୍ରୀ

ତୁଷାରକାନ୍ତି ବେହେରା- ଗୃହ

# ଦ୍ୱିତୀୟ ପର୍ଯ୍ୟାୟରେ ୯୫ଟି ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପିତ

କେନ୍ଦ୍ରାପଡ଼ା,୬।୬: କେନ୍ଦ୍ରାପଡ଼ା ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ରୁପାନ୍ତରିତ ହୋଇଥିବା ୯୫ଟି ଉଚ୍ଚ ବିଦ୍ୟାଳୟକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ଏହି ଉପଲକ୍ଷେ ଇଛାପୁର ଉଚ୍ଚ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଶକ୍ତି ଓ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଓ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାପାଳ ଅମ୍ରିତ ଋତୁରାଜ ସ୍ୱାଗତ ଭାଷଣ ଦେଇଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଆଭାସି ମାଧ୍ୟମରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ବିଦ୍ୟାଳୟର ରୁପାନ୍ତରିକରଣ ଦ୍ୱାରା ଶିକ୍ଷାଦାନ କ୍ଷେତ୍ରରେ ସାମଗ୍ରିକ ବିକାଶ ହେବ। ଏଥିସହ ମେଧାବୀ ଛାତ୍ରଛାତ୍ରୀମାନେ ସରକାରୀ ବିଦ୍ୟାଳୟ ପ୍ରତି ଅଧିକ ଆକୃଷ୍ଟ ହେବେ। ଭିଡିଓ କ୍ଲିପିଂ ମାଧମରେ ରୁପାନ୍ତରିତ ହୋଇଥିବା ଜିଲ୍ଲାର ବିଦ୍ୟାଳୟଗୁଡିକର ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଇଛାପୁର ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଅନନ୍ୟା ଅନୁପ୍ରିତା ସାହୁ ତାଙ୍କ ଭାଷଣରେ କହିଲେ ଆମ ବିଦ୍ୟାଳୟରେ ଇ-ପାଠାଗାର ହୋଇଥିବାରୁ ଆମେ ବିଶ୍ୱର ବିଭିନ୍ନ ସୂଚନା କ୍ଷଣକ ମଧ୍ୟରେ ପାଇ ପାରିବୁ। କୌଣସି ସୂଚନା ପାଇଁ ଆମକୁ ଏଣିକି ଆଉ ଅଧିକ ସମୟ ଲାଗିବ ନାହିଁ। ସେହିପରି ଅତ୍ୟାଧୁନିକ ଲାବୋରେଟୋରୀ ଦ୍ୱାରା ଆମେ ବିଭିନ୍ନ ପ୍ରକାରର ବୈଜ୍ଞାନିକ ଗବେଷଣା କାର୍ଯ୍ୟ ସହଜରେ କରିହେବ। ସେହିପରି ଉନ୍ନତ ମାନର ଖେଳ ପଡିଆ ଦ୍ୱାରା ଆମ ପିଲାମାନେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା କରିବାର ସୁଯୋଗ ପାଇବେ। ବିଦ୍ୟାଳୟ ପରିସରରେ ଉନ୍ନତ ମାନର ଶୌଚାଳୟ ନିର୍ମାଣ ହୋଇଛି। ଏହାଦ୍ୱାରା ଆମ ସ୍ୱାସ୍ଥ୍ୟ ଉତ୍ତମ ହୋଇ ପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରୀ ଅନନ୍ୟାଙ୍କୁ ଭବିଷ୍ୟତର ଲକ୍ଷ ସମ୍ପର୍କରେ ପଚାରିବାରୁ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବେ ବୋଲି କହିଥିଲେ। ଏହାସହ ବିଦ୍ୟାଳୟ ରୁପାନ୍ତରିକରଣ କାର୍ଯ୍ୟ ପାଇଁ ଛାତ୍ରୀ ଅନନ୍ୟା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ କହିଲେ ବିଦ୍ୟାଳୟ ରୁପାନ୍ତରିକରଣ ଯୋଗୁଁ ପିଲାମାନେ ବେସରକାରୀ ବିଦ୍ୟାଳୟ ଛାଡି ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେଉଛନ୍ତି। ସେହିପରି ବିଦ୍ୟାଳୟଗୁଡିକୁ ନିଜସ୍ୱ ଜମି ହସ୍ତାନ୍ତର କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ବାସ୍ତବରେ ପ୍ରସଂଶନୀୟ ବୋଲି ଶ୍ରୀ ସାହୁ କହିଥିଲେ। କାର୍ଯ୍ୟକ୍ରମ ପାଇଁ ଇଛାପୁର ଉଚ୍ଚ ବିଦ୍ୟାଳୟ କଡ଼ା ସୁରକ୍ଷା ମଧ୍ୟରେ ରହିଥିଲା। ଏସ୍‌ପି ସନ୍ଦୀପ ସମ୍ପଦ ମଡ଼କର ଫାଟକ ପାଖରେ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ, ଦୁର୍ଗାପ୍ରସାଦ ମହାରଣା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂହ, ଉପଖଣ୍ଡ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ଭୀଷ୍ମ ମହାନ୍ତି, ପୌର ସଭ୍ୟ କାଳୀ ପ୍ରସାଦ ମିଶ୍ର, ଦୁର୍ଗାଶିଷ ମହାନ୍ତି, ନଗର ବିଜେଡି ସଭାପତି ଯଯାତି ମହାନ୍ତି, ପୂର୍ବତନ ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ହିରଣ୍ୟ ପଣ୍ଡା, ପୌରସଭ୍ୟ ଉମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ୩୦ଟି ଉଚ୍ଚ ବିଦ୍ୟାଳୟ ରୁପାନ୍ତରିତ ହୋଇଥିଲା।




# ମହାପ୍ରଭୁଙ୍କ ଶୁଭବେଳା ଜଣାନ୍ତି ଖୁରି ନାୟକ



ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପୂର୍ଣ୍ଣଚନ୍ଦ୍ର ଗୋଛିକାର କୁହନ୍ତି, ଶ୍ରୀମନ୍ଦିର ଜ୍ୟୋତିଷଙ୍କୁ ଖୁରି ନାୟକ ସେବକ ବୋଲି କୁହାଯାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଖୁରି ନାୟକଙ୍କର ପ୍ରତିଦିନ ସେବା ରହିଛି। ୩୬୫ ଦିନର ସେବା କରନ୍ତି ସେ। ପରମ୍ପରା ଅନୁଯାୟୀ ପ୍ରତିଦିନ ମହାପ୍ରଭୁଙ୍କ ଅବକାଶ ସମୟରେ ଖୁରି ନାୟକ ସେବକ ବଡ଼ଦେଉଳ ଭିତରକୁ ଯାଆନ୍ତି। ବଡ଼ଦେଉଳ ଭିତରେ ପହଞ୍ଚି ବଲ୍ଲଭ ପୂଜା ନିକଟରେ ପାଞ୍ଜି ଦେଖି ମହାପ୍ରଭୁଙ୍କ ରାଶି ନକ୍ଷତ୍ର (ବଡ଼ ଠାକୁର ଶ୍ରୀବଳଭଦ୍ରଙ୍କର ଶ୍ରବଣ ମକର, ଶ୍ରୀଜଗନ୍ନାଥଙ୍କର ରୋହିଣୀ ବୃଷ, ଦେବୀ ସୁଭଦ୍ରାଙ୍କର ଜ୍ୟେଷ୍ଠା ବିଛା) ପାଠ କରନ୍ତି। ମଣିମା ଏହି ରାଶି ନକ୍ଷତ୍ରର ଆଜି ଶୁଭ ବେଳା ଓ



ଅଶୁଭ ବେଳା ମଧ୍ୟ କହନ୍ତି। ଆଜି ଘାତ ଚନ୍ଦ୍ର ଅଛି କି ନାହିଁ ତାହା ମଧ୍ୟ ପଢ଼ନ୍ତି। ପୂର୍ବରୁ ଏହି ସବେକଙ୍କର ନବକଳେବରରେ ମଧ୍ୟ ଭୂମିକା ରହିଥିଲା। ୧୯୧୨ ମସିହାର ନବକଳେବର ହୋଇଥିଲା। ସେହି ନବକଳେବର ସମୟରେ ହଜାର ହଜାର ତୀର୍ଥଯାତ୍ରୀ ପହଞ୍ଚିଥିଲେ। ନବକଳେବରର ସୁରୁଖୁରୁରେ ସରିଥିଲା। ସେହି ନବକଳେବର ସମ୍ପର୍କରେ ମହାମୋହପାଧ୍ୟାୟ ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ଖଣ୍ଡକାବ୍ୟ ନବକଳେବର ଷଡ଼ଶୀତିରେ ବିଷଦ୍ ଭାବେ ଲେଖାଯାଇଛି। ଏହି ଖଣ୍ଡକାବ୍ୟଟି ୮୬ଟି ସଂସ୍କୃତ ଶ୍ଳୋକରେ ରଚିତ ହୋଇଛି। ଏଥିରେ ସେହି ବର୍ଷ ନବକଳେବରର ସମସ୍ତ ବିବରଣୀ ସ୍ଥାନ ପାଇଛି। ସେତେବେଳେ ଗଜପତି ଥିଲେ ଶ୍ରୀମୁକୁନ୍ଦ ଦେବ। ମନ୍ଦିର ପରିଚାଳକ ଥିଲେ ରାଜକିଶୋର ଦାସ।

ଏହି ଗ୍ରନ୍ଥର ଶ୍ଳୋକରୁ ସେହି ବର୍ଷ ନବକଳେବର ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡ.ସୁରେନ୍ଦ୍ର ମିଶ୍ର କୁହନ୍ତି, ସେହିବର୍ଷ ନବକଳେବର ନୀତି ଆରମ୍ଭ ହୋଇଥିଲା। ନବକଳେବରର ଆଦ୍ୟପର୍ବ ବନଯାଗ ଯାତ୍ରା କେବେ ହେବ ଓ ବନଯାଗ ଯାତ୍ରା ଆରମ୍ଭ ବେଳେ ମହାପ୍ରଭୁଙ୍କ ରାଶି ନକ୍ଷତ୍ର କ'ଣ ରହିଛି, ଏହି ଯାତ୍ରା ଠିକ୍ ଭାବେ ହେବ କି ନାହିଁ ତାହା ଜାଣିବା ପାଇଁ ଶ୍ରୀମନ୍ଦିର ଜ୍ୟୋତିଷଙ୍କ ପରାମର୍ଶ ନିଆଯାଇଥିଲା। ସେ ମହାପ୍ରଭୁଙ୍କ ରାଶି, ନକ୍ଷତ୍ର ଦେଖି ଯେଉଁ ସମୟ କହିଥିଲେ ସେହି ସମୟରେ ବନଯାଗ ଯାତ୍ରା ଆରମ୍ଭ ହୋଇଥିଲା। ସେ ବର୍ଷ ଶ୍ରୀମନ୍ଦିର ଜ୍ୟୋତିଷଙ୍କ ପରାମର୍ଶରେ ବନଯାଗ ବିଧି ଆରମ୍ଭ ହୋଇ ଦଇତାପତିମାନେ ଦାରୁ ଅନ୍ୱେଷଣ ପାଇଁ ପ୍ରାଚୀ ନଦୀ କୂଳକୁ ଯାଇଥିଲେ। ଶାସ୍ତ୍ରୀୟ ମର୍ଯ୍ୟାଦା ଓ ଦଇତାପତିଙ୍କ କୌଳିକ ପରମ୍ପରା ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁର ସନ୍ଧାନ ମିଳିଥିଲା। ବୈଦିକ ବିଧି ଅନୁଯାୟୀ ଦାରୁ ଛେଦନ ହୋଇଥିଲା ଓ କ୍ରମାନ୍ୱୟରେ ଶ୍ରୀକ୍ଷେତ୍ରକୁ ଅଣାଯାଇଥିଲା। ସ୍ନାନ ପୂର୍ଣ୍ଣିମୀ ପରେ ପରେ ସଠିକ୍ ଲଗ୍ନ ଓ ମାହେନ୍ଦ୍ର ବେଳା ଦେଖି ଶ୍ରୀମନ୍ଦିର ଜ୍ୟୋତିଷ ପରାମର୍ଶ ଦେବାପରେ ଅଧିବାସ କର୍ମ ଆରମ୍ଭ ହୋଇଥିଲା। ପ୍ରକାଶ ଥାଉ କି ଘଟ ପରିବର୍ତ୍ତନ ପ୍ରକ୍ରିୟାର ଅଧିବାସ ହେଉଛି ମୁଖ୍ୟ କର୍ମ। ସେହିବର୍ଷ ଏହି ଅଧିବାସ କର୍ମରେ ମାହାରୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶ୍ଳୋକ-୨୫) ଅଧିବାସ କର୍ମରେ ଗଜପତି ମହାରାଜାଙ୍କ ପକ୍ଷରୁ ରାଜଗୁରୁ ପ୍ରତିନିଧିତ୍ୱ କରିଥାନ୍ତି। ରାଜଗୁରୁ ଓ ଅନ୍ୟାନ୍ୟ ସେବକମାନଙ୍କ ଦ୍ୱାରା ଏହି କର୍ମ ସମ୍ପନ୍ନ କରାଇବା ହେଉଛି ମୁଖ୍ୟ କାର୍ଯ୍ୟ। ଅଧିବାସର ୧୪ଦିନ ସେହି ବର୍ଷ ଘଟ ପରିବର୍ତ୍ତନ ହୋଇଥିଲା। ଘଟ ପରିବର୍ତ୍ତନ ପରେ ତାହାଙ୍କୁ ପାତାଳୀ ଦିଆଯାଇଥିଲା। ସେହିବର୍ଷ ନବଯୌବନ ଦର୍ଶନ ହୋଇପାରିନଥିଲା। କୌଣସି ଅଘଟଣ ନଘଟି ରଥଯାତ୍ରାରେ ରଥଗୁଡ଼ିକ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଏହି ଖଣ୍ଡକାବ୍ୟରୁ ଜଣାଯାଏଯେ, ବଡ଼ଦାଣ୍ଡରେ ସର୍ବଭାରତୀୟ ସ୍ତରର ଆଖଡ଼ା ଓ ପ୍ରସିଦ୍ଧ ମଠ ମାନଙ୍କରେ ସେ ବର୍ଷ ଡେରା ପଡ଼ିଥିଲା। ଏହି ଡେରାଗୁଡ଼ିକରେ ସାଧାରଣରେ ଧର୍ମଚର୍ଚ୍ଚା, ଶାସ୍ତ୍ରାର୍ଥ, ସଂକୀର୍ତ୍ତନ ଚାଲିଥିଲା। ଡେରାଗୁଡ଼ିକରେ ଅତିଥି ଓ ତୀର୍ଥଯାତ୍ରୀମାନଙ୍କୁ ମାଗଣାରେ ମହାପ୍ରସାଦ ଦିଆଯାଉଥିଲା। ସେହି ବର୍ଷ ଶ୍ରୀସମ୍ପ୍ରଦାୟ ବା ରମାନୂଜାଚାର୍ଯ୍ୟଙ୍କ ସମ୍ପ୍ରଦାୟର ବିଖ୍ୟାତ ପଣ୍ଡିତ ଅନନ୍ତ ଆଚାର୍ଯ୍ୟ କାଞ୍ଚିପୁରମରୁ ଆସି ସଭାପତି ରୂପେ ନବକଳେବର ସେବା କରିଥିଲେ।

**ବିପିନବିହାରୀ ରାଉତ**, ଶ୍ରୀବିହାର କଲୋନୀ, କଟକ, ଦୂରଭାଷ: ୯୪୩୭୬୬୬୪୫୩, E-mail : bipinrout@rediffmail.com

# ନୂଆବଜାର ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର ଦଶମ ଜଉକଣ୍ଢେଇ ହଳଦୀମଖା ଓ ବାହାଘର



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଲୋକକଳା ସଂସ୍କୃତି ଓ ପର୍ବ ଜଉକଣ୍ଢେଇକୁ ଉଜ୍ଜୀବିତ ରଖିବା ପାଇଁ ବାଲେଶ୍ୱରର ବହୁ ଅନୁଷ୍ଠାନ ଓ କମିଟି ଆଗେଇ ଆସିଥିବା ବେଳେ ସ୍ଥାନୀୟ ନୂଆବଜାର ବୀଣା ହୋଟେଲ ଗଳିରେ 'ନୂଆବାଜାର ଜଉକଣ୍ଢେଇ ବାହାଘର ଉତ୍ସବ କମିଟି' ଦ୍ୱାରା ବିଶେଷ ଢ଼ଙ୍ଗରେ ନିଆରା ଓ ସ୍ୱତନ୍ତ୍ର ଶୈଳୀରେ ପାଳନ କରାଯାଇଆସୁଛି। ଏହି ଜଉକଣ୍ଢେଇ ବାହଘରରେ ମହିଳାମାନେ ବର କର୍ତ୍ତ୍ରୀ ଓ କନ୍ୟା କର୍ତ୍ତ୍ରୀ ହେଉଥିବା ବେଳେ ହଳଦୀମଖା ଓ ଗାଧୁଆ ପର୍ବ ଆକର୍ଷଣୀୟ ଭାବରେ ପାଳନ କରନ୍ତି। ଚଳିତ ବର୍ଷ ବର କର୍ତ୍ତା ଭାବରେ ସଞ୍ଜୁଲତା ସାହୁ ତୁଲାଇଛନ୍ତି। ସର୍ବପ୍ରଥମେ ବରକନିଆ ଜଉକଣ୍ଢେଇକୁ ସଜାଇ ସକାଳ ୯ ଘଟିକାରେ ବର କନିଆ ଜଉକଣ୍ଢେଇକୁ ଗ୍ରାମର ମହିଳାମାନେ ହଳଦି ଲଗାଇ ଶୁଦ୍ଧ ପାଣିରେ ଗାଧୋଇବା ବେଳେ ସନ୍ଧ୍ୟାରେ ଜୟଦେବ ସହ ପଦ୍ମାବତୀର ବାହାଘର ଉତ୍ସବ ଅନୁଷ୍ଠିତ ହୋଇଅଛି। ବେହେରା ପରିଚାଳନା କରିଥିବା ବେଳେ ଲିଲ୍ଲି, ଅନିତା ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ, ତପସ୍ୱିନି ବେହେରା, ଅନିତା ବେହେରା, ପଦ୍ମାବତୀ ବେହେରା, ନମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ହଳଦୀମଖା ଓ ଗାଧୁଆ ପର୍ବରେ ମୁଖ୍ୟ ଅତିଥି ଭାବରେ ୧୮ ନଂ ୱାର୍ଡ଼ରେ କାଉନସିଲର ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଜଉକଣ୍ଢେଇ ବାହାଘରର ମୁଖ୍ୟ ଆବାହକ ଶିଳ୍ପୀ କେଶୁ ଦାସ, ଚିଣ୍ଟୁ, ଅକ୍ଷୟ ନାୟକ, ଲତିଫା ବେଗମ୍ ଓ ସ୍ଥାନୀୟ ଗଣ୍ୟମାନ୍ୟ ଲୋକମାନେ ଉପସ୍ଥିତ ହୋଇଥିଲେ।

## ଯୁଗ୍ମ ଶ୍ରମ କମିଶନରଙ୍କ ସହ ଏଚ୍ଏମ୍ଏସ୍ ରାଜ୍ୟ ଉପସଭାପତିଙ୍କ ଆଲୋଚନା

ବ୍ରହ୍ମପୁର (ପିଏନ୍) : ବ୍ରହ୍ମପୁର ଠାରେ ଅବସ୍ଥାପିତ ରାଜ୍ୟ ଯୁଗ୍ମ କମିଶନର ଦିପ୍ତୀରଞ୍ଜନ ମହାନ୍ତିଙ୍କ ସହ ହିନ୍ଦ୍ ମଜଦୁର ସଭାର ରାଜ୍ୟ ଉପସଭାପତି ରବି ରଥ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ମୁଖ୍ୟତଃ ଶ୍ରୀ ରଥ ଯୁଗ୍ମ ଶ୍ରମ କମିଶନର ସହ ବିଭିନ୍ନ କାର୍ଯ୍ୟାଳୟ ଯଥା ଗଞ୍ଜାମ ଜିଲ୍ଲାର ବିଭିନ୍ନ ଏନଏସି ଓ ମ୍ୟୁନିସିପାଲିଟିରେ ଆଉଟସୋର୍ସିଂରେ କାର୍ଯ୍ୟରତ କର୍ମଚାରୀଙ୍କ ଇପିଏଫ୍ ଓ ଇଏସ୍ଆଇ କଟା ଯାଉନଥିବା ଅଭିଯୋଗ ହେଉଛି ଏବଂ ଠିକାଦାରମାନେ ପାରିଶ୍ରମିକ ପ୍ରଦାନ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଏପ୍ରିଲ ପହିଲାରୁ ଶ୍ରମିକଙ୍କ ପାଇଁ ଲାଗୁ କରିଥିବା ସଂଶୋଧିତ ମଜୁରି କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ବେଳେ ଭାରତୀୟ ବିରଳ ମୃତ୍ତିକା (ଆଇଆରଇ), ମେଡିକାଲ, ମେହେନ୍ତର ସଂଘ, ବିଜୁଳି କର୍ମଚାରୀ ସଂଘ, ପରିବହନ କର୍ମଚାରୀ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯୁଗ୍ମ ଶ୍ରମ କମିଶନର ଶ୍ରୀ ମହାନ୍ତି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ ବାଲେଶ୍ୱର ଗସ୍ତ ଏବଂ ସମୀକ୍ଷା



ବାଲେଶ୍ୱର (ପିଏନ୍)-କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ବାଲେଶ୍ୱର ଗସ୍ତରେ ଆସି ଜିଲ୍ଲା କଲେକ୍ଟୋରେଟ୍‌ର ବିଭିନ୍ନ ଅନୁବିଭାଗ ଏବଂ କାର୍ଯ୍ୟାଳୟର ନିୟମିତ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କେନ୍ଦ୍ରାଂଚଳ ଆରଡିସି ଡ. ଦଳାଇ ବିଭାଗୀୟ କାର୍ଯ୍ୟାବଳୀ ଓ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବିଭାଗୀୟ ସମୀକ୍ଷା କାର୍ଯ୍ୟରେ ସେ ରାଜସ୍ୱ ଆଦାୟ, ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି, ସରକାରୀ ପ୍ରକଳ୍ପ ଓ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ । ବିଶେଷ କରି ରାଜସ୍ୱ, ଅବକାରୀ, ପରିବହନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଅଧିକାରୀମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିଥିଲେ । ସେହିପରି ଜଳାଶୟରୁ ଘରବାରି କିସମକୁ ପରିବର୍ତ୍ତିତ ହୋଇଥିବା ଜିଲ୍ଲାର ବିଭିନ୍ନ ଜମିର ସ୍ଥିତି ସମ୍ପର୍କରେ ସେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ସହରାଂଚଳ ନିର୍ବାହୀ ଅଧିକାରୀ ଓ କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଆରଡିସିଙ୍କ ଦ୍ୱାରା ଏକ କ୍ୟାମ୍ପ କୋର୍ଟ ମଧ୍ୟ ଆୟୋଜିତ ହୋଇଥିଲା । ଅନ୍ୟାନ୍ୟ ବିଭାଗ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରିବା ସହିତ ଉନ୍ନୟନମୂଳକ ପ୍ରକଳ୍ପ କାମସବୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ଆରଡିସି ଡ. ଦଳାଇ ନିର୍ଦ୍ଦେଶ ଦେଇଥିଲେ ।

# ରାହାଳଠାରେ ମା' ସରସ୍ୱତୀ କଳାପୀଠ ଉଦ୍‌ଘାଟିତ



ଚଣ୍ଡିଖୋଲ (ପିଏନ)-ବଡ଼ଚଣା ବ୍ଲକ୍ ଅଣକା ପଂଚାୟତ ଅନ୍ତର୍ଗତ ରାହାଳ ଠାରେ ସଂଗୀତ, ନୃତ୍ୟ ଓ ବାଦ୍ୟ ପ୍ରଶିକ୍ଷଣ କେନ୍ଦ୍ର ମା ସରସ୍ୱତୀ କଳାପୀଠ ଉଦଘାଟିତ ହୋଇଯାଇଛି। ଗ୍ରାମାଚଂଳରେ ପିଲାମାନଙ୍କ ଲୁକାୟିତ କଳାପ୍ରତିଭାର ବିକାଶ ନିମନ୍ତେ ଏହି କଳାପୀଠ ସହାୟକ ହେବ। ଆଖପାଖ ଅଂଚଳରେ ଏଭଳି ଅନୁଷ୍ଠାନ ନଥିବାରୁ ଏହା ନିଶ୍ଚିତ ଭାବେ ଶିଶୁ କଳାକାରମାନଙ୍କୁ ଉତ୍କର୍ଷ କଳାର ବିକାଶ ନିମନ୍ତେ ଖୋରାକ ଯୋଗାଇବ ବୋଲି ଏଥିରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯାଜପୁର ଜିଲା ପାଲା ଗାୟକ ପରିଷଦର ସଂପାଦକ ଗୟାଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଗୀତଜ୍ଞ ସୁଧାକର ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ସଭାପତି ଦେବରାଜ ବେହେରା ଏଥିରେ ମୁଖ୍ୟ ଅତିଥି, ପ୍ରକୃତି ମିତ୍ର ଅନିଲ କୁମାର ଦାସ ମୁଖ୍ୟ ବକ୍ତା, ବରିଷ୍ଠ ଆଇନ୍‌ଜୀବୀ ରେଣୁବାଳା ମହାନ୍ତି, ମାଣ୍ଡୁକା ପଂଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୋମନାଥ ନାୟକ, ଶାସ୍ତ୍ରୀୟ ସଂଗୀକାର ପବିତ୍ର କୁମାର ବଳ, କଣ୍ଠଶିଳ୍ପୀ ରଂଜନ ବାରିକ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଜ୍ୟୋତି ଶଙ୍କର ମହାପାତ୍ର, ପ୍ରାକ୍ତନ ସରପଂଚ ଗଣେଶ୍ୱର ସାମଲ, ବାନାମ୍ବର ଲେଙ୍କା, ବ୍ରଜସୁନ୍ଦର ନାୟକ, ନିରଞ୍ଜନ ସ୍ୱାଇଁ, ନବ କିଶୋର ନାୟକ, ଅନୁପ ଜେନା, ସୌମ୍ୟଜିତ୍ ନାୟକ, ଦିବ୍ୟଜ୍ୟୋତି ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ଉତ୍ତରୋତର ଉନ୍ନତି କାମନା କରିଥିଲେ। ଗ୍ରାମାଚଂଳରେ କଳାର ଉନ୍ନତି ଦିଗରେ ଏପରି ଏକ ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଉତ୍ସବରେ ପାଲା ଗାୟକ ବାସୁଦେବ ମିଶ୍ର ମଙ୍ଗଳା ଚରଣ ପାଠ କରିଥିବା ବେଳେ କଳାପୀଠର ଅଧ୍ୟକ୍ଷ ବିମଳ ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ସଂପାଦକ ବିକ୍ରମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ଏହାର ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ସଂପାଦକ ପ୍ରକାଶ କରିଛନ୍ତି।

## ଭତ୍ତା ଅପେକ୍ଷାରେ ରୋଗଗ୍ରସ୍ତ ବାପ ଓ ଝିଅ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପଞ୍ଚାୟତର ଆୟବା ଗ୍ରାମର ରୋଗଗ୍ରସ୍ତ ବାପ ଓ ଝିଅ ଦୀର୍ଘଦିନ ହେଲା ଭତ୍ତା ଅପେକ୍ଷାରେ ଅତ୍ୟନ୍ତ ଦୁର୍ଦ୍ଦିନରେ ଜୀବନ ବିତାଉଥିବା ଅଭିଯୋଗ ହୋଇଛି । ସେହି ଗ୍ରାମର ୬୫ବର୍ଷ ବୟସର ଚନ୍ଦ୍ରମଣି ମଲିକ ଜଣେ ବରିଷ୍ଠ ନାଗରିକ ହୋଇଥିବା ବେଳେ ସେ ଆଣ୍ଠୁଗଣ୍ଠି ଓ ବାତରୋଗରେ ପିଡିତ ଅଛନ୍ତି । ସେହିଭଳି ତାଙ୍କ ଝିଅ ଛବି ମଲିକ (୩୬) ଶ୍ୱାସରୋଗରେ ପିଡିତ ହୋଇ ଅବିବାହିତା ଥାଇ ଜୀବନ ନିର୍ବାହ କରୁଛନ୍ତି । ଏହି ପରିବାରଟି ଅତ୍ୟନ୍ତ ଗରିବ ଓ ଦୁସ୍ଥ ଭାବେ ଜୀବନ ବିତାଉଥିବାବେଳେ ପ୍ରଶାସନ ପକ୍ଷରୁ ଏହି ବାପ ଓ ଝିଅଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି ।

## ଦ୍ୱାଦଶ ଜଉକଣ୍ଢେଇ ବାହାଘର ଉଦ୍‌ଘାଟିତ



ବାଲେଶ୍ୱର (ପିଏନ୍)-ଜଉକେଣ୍ଢଇ ବାହାଘରର ଉଦ୍ଘାଟନ ଉତ୍ସବ ଆଇଟିଆଇ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମଇ ୨୫ ତାରିଖ ସନ୍ଧ୍ୟାରେ ଆନ୍ତର୍ଜାତୀୟ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଏହି ଉତ୍ସବକୁ ଉଦ୍ଘାଟନ କରିଥିଲେ। ଶ୍ରୀ ସାହୁ ବାଲେଶ୍ୱର ଓଡ଼ିଆ କଳା ସଂସ୍କୃତିର ଏଂତୁଡ଼ିଶାଳ ଏହି ମାଟିର ପ୍ରତି କୋଣେ ଅନୁକୋଣେ କଳା ସାହିତ୍ୟ ଓ ସଂସ୍କୃତି ବିଦ୍ୟମାନ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ସଦର ବିଧାୟକ ସ୍ୱରୁପ ଦାସ, ଓଡ଼ିଶା ଶିଳ୍ପସଂଘର ସଭାପତି ଉଦୟ ନାଥ ମହାନ୍ତି ଓ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବିଶିଷ୍ଟ ନାଟ୍ୟକର ଡ଼ଃ ପ୍ରଦୀପ ଭୌମିକ ବାଲେଶ୍ୱରୀ ଜଉକଳା ସମ୍ପର୍କରେ ଆଲୋକପାତ କରିଥିଲେ। ଜଉକଣ୍ଢେଇ ଉତ୍ସବର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ରନାଥ ପାତ୍ର ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ପ୍ରାକ୍ କଥା ରେଖିଥିଲେ କେଶୁ ଦାସ। ମଇଁ ୨୯ ତାରିଖ ପର୍ଯ୍ୟନ୍ତ ହୋଇଥିବା ଏହି ଲୋକପର୍ବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା ସହ ସମଗ୍ର ଓଡ଼ିଶାରୁ ବହୁ ଲୋକକଳା, ସଂସ୍କୃତି, ନୃତ୍ୟ ସଙ୍ଗୀତ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜୀଅଁନ୍ତା ଗଛରେ କଣ୍ଟା ପିଟି ଝୁଲାଯାଉଛି ବିଜ୍ଞାପନ ଫଳକ






ଭୁବନେଶ୍ୱର (ପିଏନ୍): ସ୍ୱାର୍ଥପର ହୋଇଯାଇଛି ମଣିଷ। ଲାଭ ଓ ଲୋଭ ପାଇଁ ପ୍ରକୃତି ପ୍ରତି କରୁଛି ନିଷ୍ଠୁର ଆଚରଣ। ଏମିତି କ୍ରୁର ଆଚରଣର ଏକ ସଦ୍ୟତମ ନମୂନା ଦେଖିବାକୁ ମିଳୁଛି ସ୍ମାର୍ଟନଗରୀ ରାଜଧାନୀ ଭୁବନେଶ୍ୱରରେ। କେତେକ ଲୋଭୀ ବେପାରୀ ନିଜ ନିଜ କମ୍ପାନୀର ବିଜ୍ଞାପନ ଫଳକ ଝୁଲାଇବା ପାଇଁ ଜୀଅଁନ୍ତା ଗଛ ଦେହରେ ପିଟିଛନ୍ତି କଣ୍ଟା। ଲୁହାକଣ୍ଟାର କ୍ଷତରେ ଗଛ ସିନା ତାର ଯନ୍ତ୍ରଣା କହିପାରିଲାନି, ହେଲେ ତାର ଶୁଖିଲା ଡ଼ାଳ ସୂଚାଇ ଦେଉଛି କିଭଳି ହୋଇଛି ହାଲ୍। ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ଶୈଳଶ୍ରୀ ବିହାର, ପଟିଆ, ଚନ୍ଦ୍ରଶେଖରପୁର ଆଦି ଅଞ୍ଚଳର ରାସ୍ତା ପାର୍ଶ୍ୱରେ ମଣିଷଙ୍କ ଏଭଳି ଭାବେ ନିର୍ଦ୍ଦୟତାର ସାମ୍ନା କରିଛି ଗଛ। କେଉଁ ଗଛରେ ଗୋପନରେ ମଦ ନିଶା ଛଡ଼ାନ୍ତୁ, ଗୁପ୍ତରୋଗ, ସେକ୍ସ ସମସ୍ୟାର ବିଜ୍ଞାପନ ତ ଆଉ କେଉଁଠି ଝୁଲୁଛି ଓଜନ ଓ ପେଟ କମାନ୍ତୁ, ସୁସ୍ଥ ରୁହନ୍ତୁ ଇତ୍ୟାଦିର ବିଜ୍ଞାପନ ତ ଆଉ କେଉଁ ଗଛରେ ଏକାଧିକ ଲୁହା କଣ୍ଟା ପିଟାଯାଇ ଗଛଟିକୁ ଅକାଳ ମୃତ୍ୟୁଦଣ୍ଡ ଦିଆଯାଇଛି। ଗୋଟିଏ ପଟେ ଗଛକୁ ଦେବତା କହି ପୂଜା କରାଯାଉଥିବା ବେଳେ ଅନ୍ୟପଟେ ଦେବଦୂତ ଯୀଶୁଙ୍କୁ କ୍ରୁଶବିଦ୍ଧ କଲାଭଳି ବୃକ୍ଷଦେବତାଙ୍କ ଛାତିରେ ପିଟାଯାଇଛି କଣ୍ଟା। ନିଜ ଲାଭ ପାଇଁ ସହରର ସବୁଜିମାକୁ ନଷ୍ଟ କରୁଥିବା ସଂସ୍ଥା ଓ ବ୍ୟକ୍ତିଙ୍କ ପ୍ରତି ସରକାର କଠୋର ଆଭିମୁଖ୍ୟ ପୋଷଣ କରନ୍ତୁ ବୋଲି ବିଶ୍ୱ ପରିବେଶ ଦିବସରେ ଦାବି କରିଛନ୍ତି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ କୁମାର ସାହୁ। ନଚେତ୍ ଏମାନେ ବୃକ୍ଷର ବଂଶ ବୁଡ଼ାଇଦେବେ। ଆମେ କହୁ ବୃକ୍ଷ ହିଁ ଜୀବନ, ବୃକ୍ଷ ଆମର ବନ୍ଧୁ, ଗଛଟିଏ ଲୋକଟିଏ। କିନ୍ତୁ ରାତି ପାହିଲେ ତା ପ୍ରତି କରୁ ଆତ୍ମଘାତୀ କାର୍ଯ୍ୟ। ଜଗନ୍ନାଥ ଭୂମିରେ ଯେଉଁଠି ଦାରୁ ରୂପରେ ମହାପ୍ରଭୁ ବିଦ୍ୟମାନ, ସେଠାରେ ଏ ବିଚାରରେ ବିଭ୍ରାଟ କାହିଁକି ବୋଲି ଶ୍ରୀ ସାହୁ ପ୍ରଶ୍ନ ଉଠାଇଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ଆକ୍ଟ ପରି ବୃକ୍ଷମାନଙ୍କ ପ୍ରତି ସେମିତି ସରକାର ନିୟମ ଜାରି କରନ୍ତୁ ବୋଲି ସୁଶାନ୍ତ ଆଶାପ୍ରକଟ କରିଛନ୍ତି।

## ଉଷୁମା ଆଶ୍ରମ ଗଣ୍ଡଗୋଳରେ ୪ ଗିରଫ



ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ଅନ୍ତର୍ଗତ ଦକ୍ଷିଣ ଉଷୁମା ଗ୍ରାମରେ ଥିବା ଏକ ଆଶ୍ରମ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସଦର ଥାନା ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦକ୍ଷିଣ ଉଷୁମା ଗ୍ରାମର ନକୁଳ ଭୋଇ ପୁଅ ପ୍ରତାପ ଭୋଇ (୩୬), ବିଶ୍ୱନାଥ ବାରିକ ପୁଅ ଦିବ୍ୟକାନ୍ତ ବାରିକ (୨୮), ସୁମାଣ୍ଡି ଗ୍ରାମର ଦଇତାରୀ ଭୋଇଙ୍କ ଦୁଇ ପୁଅ ତପନକୁମାର ଭୋଇ (୩୪) ଓ ବିପିନ ଭୋଇ (୩୧)। ଥାନା ସୂତ୍ରରୁ ଜଣାପଡ଼ିଛି ଯେ, ଦକ୍ଷିଣ ଉଷୁମା ମୌଜାରେ ଥିବା ବେଦଧାମ ଆଶ୍ରମରେ ଗତ ୧୫ ତାରିଖ ରାତିରେ କିଛି ଦୁର୍ବୃତ୍ତ ବଳ ପୂର୍ବକ ପ୍ରବେଶ କରି ଆଶ୍ରମରେ କାର୍ଯ୍ୟରତ ଶ୍ରମିକ ଓ ଯୋଗଗୁରୁଙ୍କୁ ଆକ୍ରମଣ କରିଥିଲେ। ଆଶ୍ରମର ବ୍ରହ୍ମଚାରୀ ଜୟନ୍ତ କୁମାର ସାହୁ (୪୨) ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଚଳାଇଥିଲା। ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

## ସମାଜସେବୀଙ୍କ ବିୟୋଗରେ ସ୍ମୃତି ଶ୍ରଦ୍ଧାଂଜଳି ସଭା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ନାକପୋଲ ଗ୍ରାମର ସମାଜସେବୀ ସ୍ୱର୍ଗତଃ ନୀଳମଣି ସ୍ୱାଇଁଙ୍କ ପ୍ରଥମ ବାର୍ଷିକ ସ୍ମୃତି ଶ୍ରଦ୍ଧାଂଜଳି ସଭା କାହ୍ନୁ ଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଆଇନଜୀବୀ ରାମଚନ୍ଦ୍ର ରାୟ, ସରପଂଚ ତ୍ରିଲୋଚନ ଜେନା, ଶିକ୍ଷାବିତ ଯୁଧିଷ୍ଠିର ସ୍ୱାଇଁ, ନରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ସ୍ୱାଇଁ ଜଣେ ସ୍ନେହୀ, ଦରଦୀ, ପରୋପକାରୀ, ଅନୁଷ୍ଠାନପ୍ରେମୀ ଓ ମିଷ୍ଟାଭାସୀ ଥିଲେ ବୋଲି କହିଥିଲେ । ଅତିଥିମାନେ ଶ୍ରଦ୍ଧା ସୁମନ ଜଣାଇ ତାଙ୍କର ଗୁଣାବଳି ବର୍ଣ୍ଣନା କରିଥିଲେ । ତାଙ୍କ ପୁତ୍ର ବଟକୃଷ୍ଣ ସ୍ୱାଇଁ ଓ ନଟବର ସ୍ୱାଇଁ କୃତଜ୍ଞତା ଜଣାଇଥିଲେ ।



# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପୁରୁଣା ପେନ୍‌ସନ୍ ଦାବୀରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ବୈଠକ




କେନ୍ଦ୍ରାପଡ଼ା,୬।୬ : ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ବ୍ଲକ ଶାଖା ପକ୍ଷରୁ ଆପେକ୍ସ ପବ୍ଲିକ ସ୍କୁଲ ନିକଟସ୍ଥ ସଭାଗୃହରେ ଏକ ବୈଠକ ବ୍ଲକ ସଂଘର ସଭାପତି ବିଶ୍ୱବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ଲକ ସଂଘର ସମ୍ପାଦକ ସେକ୍ ଖତିବ୍ ବାର୍ଷିକ ବିବରଣୀ ଓ ସମ୍ପାଦକୀୟ ପାଠକରିବା ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକାରୀ ସଭାପତି ଏମ୍‌ଡ଼ି ଅସଗର ଅଲ୍ଲୀ, ସଂଗଠନ ସମ୍ପାଦକ ଏମ୍‌ଡି ଫାୟାଜୁଦ୍ଦିନ, ଉପସଭାପତି ମନୋରଞ୍ଜନ ମହାପାତ୍ର, ସହସମ୍ପାଦିକା ମଞ୍ଜୁଲତା ବେହେରା ପ୍ରମୁଖ ପୁରୁଣା ପେନ୍‌ସନ୍ ଦାବୀ ହାସଲ କରିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସଂଘର ସଭାପତି ଅନନ୍ତ କୁମାର ପରିଡ଼ା ସଂଗଠିତ ଶକ୍ତି ଆଗରେ ସରକାର ଦାବୀ ମାନିବା ପାଇଁ ଅନେକ ଦୃଷ୍ଟାନ୍ତ ଅତୀତରେ ଅଛି ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଠିକା ନିଯୁକ୍ତିର ନିୟମିତକରଣ ଓ ସରକାରୀ ସେବାରେ ବିଭିନ୍ନ ସୁବିଧା ହାସଲ ଏହି ସଂଘର ନେତୃତ୍ୱରେ ସମ୍ପନ୍ନ ହୋଇଛି ବୋଲି ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲା ସଂଘର ସାଧାରଣ ସଂପାଦକ ଅଶ୍ୱିନୀ କୁମାର ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ ଏନ.ଏମ.ଓ.ପି.ଏସ. ଛାତ ତଳେ ଓଡ଼ିଶାର ସମସ୍ତ ଏନ.ପି.ଏସ. କର୍ମଚାରୀ ଏକତ୍ରିତ ହୋଇ ଏହି ପୁରୁଣା ପେନ୍‌ସନ୍ ହାସଲ ଦାବୀ ନିଶ୍ଚୟ ପୁରଣ ହେବ କାରଣ ଓଡ଼ିଶାର ବିଭିନ୍ନ ବ୍ଲକ ଓ ଜିଲ୍ଲାସ୍ତରରେ ଆନ୍ଦୋଳନର ଦାନା ବାନ୍ଧୁଥିବା ସମ୍ପର୍କିତ ଖବର ଦୈନିକ ପ୍ରକାଶ ପାଉଛି । ଏଣୁ ନିଜର ହକ୍ ପାଇଁ ସମସ୍ତେ ଏକଜୁଟ୍ ହୋଇ ବ୍ଲକ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଦୁର୍ବାର ଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ ଦିଆଯାଇଥିଲା । ଜିଲ୍ଲାସଂଘର ଉପସଭାନେତ୍ରୀ କାକୁଲି ମଲ୍ଲିକ, କୋଷାଧ୍ୟକ୍ଷ ଖଗେଶ୍ୱର ସାମଲ, ଦୀପକ ବେହେରା, ବୀରବର ଦାସ, ଶ୍ରୀଧର ବେହେରା ପ୍ରମୁଖ ଆନ୍ଦୋଳନକୁ ତୀବ୍ରତର କରିବାକୁ ବକ୍ତବ୍ୟ ରଖିଥିଲେ । ଖୁବ୍ ଶୀଘ୍ର ବ୍ଲକସ୍ତରରେ ବିଭାଗୀୟ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ଶତାଧିକ ଶିକ୍ଷକ,ଶିକ୍ଷୟିତ୍ରୀ ଯୋଗଦେଇ ସେମାନଙ୍କ ବିଭିନ୍ନ ଦାବୀଗୁଡ଼ିକ ବ୍ଲକସ୍ତରରେ ସମାଧାନ ନିମନ୍ତେ ବ୍ଲକ ସଂଘକୁ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ମତବ୍ୟକ୍ତ କରିଥିଲେ । ଅବସର ପରେ ପୁରୁଣା ପେନସନ୍ ପାଇବା ପାଇଁ ଛତିଶଗଡ଼, ରାଜସ୍ଥାନ, ପଶ୍ଚିମବଙ୍ଗ, ଗୋଆ ଭଳି ରାଜ୍ୟ ନୀତି ପ୍ରଣୟନ କରିସାରିଥିଲେ ହେଁ ଓଡ଼ିଶା ସରକାର ଏଦିଗରେ ନିଷ୍ପତ୍ତି ନନେବା ପର୍ଯ୍ୟନ୍ତ ଆନ୍ଦୋଳନ ତୀବ୍ରତର ହେବ ବୋଲି ଉପସ୍ଥିତ ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଏକ ସ୍ୱରରେ ମତବ୍ୟକ୍ତ କରିଥିଲେ । ଶେଷରେ ଉପସଭାପତି ମନୋରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣକରିଥିଲେ।

## ଖଡ଼ିଆଳ ବ୍ଲକ ଅଙ୍ଗନୱାଡ଼ି କର୍ମୀଙ୍କ ବୈଠକ

ନୂଆପଡା, (ପି.ଏନ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ କଲ୍ୟାଣ ମଣ୍ଡପ ଦୁଇ ଠାରେ ୱାର୍ଲଡ଼ ଭିଜନ ଇଣ୍ଡିଆର ଖଡ଼ିଆଳ ଶାଖା ତରଫରୁ ଶିଶୁ ମାତୃ ମୃତ୍ୟୁ ରୋକିବା ଓ ଅପପୁଷ୍ଟି ଦୂର କରିବା ନେଇ ବ୍ଲକର ଅଙ୍ଗନୱାଡ଼ି କର୍ମୀ ମାନଙ୍କୁ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଆଇସିଡିଏସ ସୁପରଭାଇଜର ତୁଳସୀଲତା ରାଉତ, କଳ୍ପନା ରାଉତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁ ଓ ମାଆ ମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ । ୱାର୍ଲଡ଼ ଭିଜନର କାର୍ଯ୍ୟକ୍ରମ ଅଧିକାରୀ ମାଆ ଓ ଶିଶୁ ସୁରକ୍ଷା ପାଇଁ ଅନୁଷ୍ଠାନ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିବା ସହ ଆସନ୍ତା ବର୍ଷ ଶେଷ ସୁଦ୍ଧା ଖଡ଼ିଆଳ ଅଂଚଳରୁ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ହ୍ରାସ କରାଯିବ ବୋଲି ସୂଚନା ଦେଇଥିଲେ ।ଏହି ବୈଠକରେ କେୟାର ଗ୍ରୁପ ସୁପରଭାଇଜର ସୁରେଶ ଚନ୍ଦ୍ର ଜାଲ, ଅହଲ୍ୟା ନନ୍ଦ, ଲୋକନାଥ ନିଆଲ, ଶୁଭାଚନ୍ଦ୍ର ମାଝୀଙ୍କ ସମେତ ସିଡିଏଫ ଡାଭିଡ ନିଆଲ ପ୍ରମୁଖ ଖଡ଼ିଆଳ ଅଂଚଳର ପୁଷ୍ଟିହୀନତା ସ୍ଥିତି ଉପସ୍ଥାପନ କରି ଅନୁଷ୍ଠାନ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସହଯୋଗ ବିଷୟରେ କହିଥିଲେ ।

## ଟିଟିଲାଗଡରେ ୨୨ତମ ଶୀତଳ ଷଷ୍ଠୀ ଯାତ୍ରା

ବଲାଙ୍ଗିର, (ପି.ଏନ): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଟିଟିଲାଗଡରେ ୨୨ ତମ ଶୀତଳଷଷ୍ଠୀ ଯାତ୍ରା ପାଇଁ ଶନିବାର ପ୍ରଭୁ ଧବଳେଶ୍ୱରଙ୍କ ମନ୍ଦିରରୁ ପ୍ରଭୁ ଶିବ ଏବଂ ମାତା ପାର୍ବତୀଙ୍କୁ ବର ପିତାମାତା ଏବଂ କନ୍ୟା ପିତାମାତା ପୂଜାର୍ଚ୍ଚନା କରି ନିଜର ଘରକୁ ନେଇଥିଲେ । ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସଙ୍କ ସଭାପତିତ୍ୱରେ ବର ପିତାମାତାଙ୍କ ସହ ସହରବାସୀ ବରଯାତ୍ରୀ ହୋଇ ପ୍ରଭୁ ଶିବଙ୍କ ପିତାମାତା, ସମ୍ପର୍କୀୟ ମାନେ ଡ଼ିଜେ ଏବଂ ବାଜାର ତାଳେ ତାଳେ ନାଚି ନାଚି କନ୍ୟା ପିତାମାତା ଥିବା ହାଟପଦା ପଡ଼ାର ଟିଟିଲାଗଡରେ ୨୨ ତମ ଶୀତଳଷଷ୍ଠୀ, ହାଟପଦା ପଡ଼ା ପ୍ରହରୀ ମଣ୍ଡପରେ ପହଂଚିଥିଲେ ବରଯାତ୍ରୀ। ପରେ ଶିବ ବିବାହ ଅନୁଷ୍ଠିତ ହୋଇଥିଲା ।ବରଯାତ୍ରୀ ମଣ୍ଡପ ଠାରେ ପହଂଚିବା ପରେ କନ୍ୟା ଘର ଲୋକେ ପ୍ରଭୁ ଶିବ ଏବଂ ସାଙ୍ଗରେ ଥିବା ପରିବାର ବର୍ଗଙ୍କୁ ବିବାହ ମଣ୍ଡପ ନିକଟକୁ ପାଛୋଟି ନେଇଥିଲେ । ପଣ୍ଡିତ ନେତ୍ରା ନନ୍ଦ ମିଶ୍ର ଏବଂ ଅଶୋକ ରଥଙ୍କ ମନ୍ତ୍ର ଉଚ୍ଚାରଣରେ ପୂଜା କାର୍ଯ୍ୟ ସମ୍ପନ୍ନ ହେବା ପରେ ଶୀତଳ ଷଷ୍ଠୀ ପାଇଁ ଭକ୍ତଙ୍କ ଉପସ୍ଥିତିରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ଚଳିତ ବର୍ଷ କନ୍ୟା ପିତାମାତା ଭାବେ ସର୍ଗିଗୁଡ଼ା ଅଶୋକ ନଗର ନିବାସୀ ଶଙ୍କର ଲାଲ ଶର୍ମା ଏବଂ ତାଙ୍କର ଧର୍ମପତ୍ନୀ ଉମାଦେବି ଶର୍ମା ହୋଇଥିବା ବେଳେ ବର ପିତାମାତା ଭାବେ ହାଟପଦା ପଡ଼ାର କୁନୁ ଦାସ ଏବଂ ସପତ୍ନୀ ମମତା ଆଚାର୍ଯ୍ୟ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।ଏହି ବିବାହ ଉତ୍ସବରେ ପ୍ରମୋଦ ସରାଫ, ପ୍ରକାଶ ସରାଫ, ଲିଙ୍ଗରାଜ ସାହୁ, ପ୍ରଭାକର ସରାଫ, ଶ୍ରୀପତି ସାହୁ, ଦେବେନ ବେହେରା, ଗୋବିନ୍ଦ ସାହୁ, ଧଳା କାହ୍ନୁ ବୁଡେକ, ସୁଧୀର ଘଡ଼େଇ, ଗୌରି ପଟ୍ଟନାୟକ, ସଞ୍ଜୀବ ତ୍ରିପାଠୀ, ସଂଜିତ ସିଂହ୍ନା, ସିବୁନ ବାଗ, ପରମାନନ୍ଦ ବେହେରା, ରିଲୁ ମିଶ୍ର, ରଞ୍ଜନ ସାହୁ, ସୁବୋଧ ସାହୁ, ରାଜା ବର୍ଗତି ଯାଦବ, ପର୍ଶୁରାମ ନାୟକ, ମନୋରଞ୍ଜନ ମହାରଣା, ନରେନ୍ଦ୍ର ସାହୁ, ନାରାୟଣ ସାହୁ, ସତ୍ୟଜିତ ଷଡଙ୍ଗୀ, ବାସନ୍ତୀ ବୁଡେକ, ବିନୋଦିନୀ ବେହେରା, ପୁଷ୍ପା ସାହୁ, କାମିନୀ ସାହୁ, ରଶ୍ମିତା ଷଡଙ୍ଗୀ, ସୁକାନ୍ତି ସାହୁ, ରସ ବେହେରା, କୁନ୍ତଳା ବେହେରା, ଯୁକ୍ତା ସାହୁ, ଶ୍ରାବଣୀ ବାଗ, ମୀନାକ୍ଷୀ ତରିଆ, ମୀନା ପାଢୀ ସମେତ ବହୁ ମାତ୍ରାରେ ଜନସାଧାରଣ ଉପସ୍ଥିତ ଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ମୃତ, ୨ ଗୁରୁତର

କୋରାପୁଟ, (ପି.ଏନ): କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ କୁମାରଗୁଡା ଗାଁ ନିକଟରେ ଗତକାଲି ବିଳମ୍ବିତ ରାତିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି । ମୃତ ଯୁବକ ଜଣକ ହେଲେ ଲମତାପୁଟ ସିଲପଡା ଗାଁର ଧନୁଞ୍ଜୟ ବୋଲି ଜଣାଯାଇଛି । ଆହତ ଦୁଇ ଜଣଙ୍କ ମଧ୍ୟରୁ ଜଣେ ସିଲପଡ଼ା ଗାଁର ହରି ପାଙ୍ଗି ଏବଂ ଅନ୍ୟ ଜଣକର ପରିଚୟ ମିଳିପାରିନାହିଁ । ଖବର ପାଇ ନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୁଲିସ ପହଂଚି ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତି କରିଥିଲେ । ଆହତ ଦୁଇ ଜଣଙ୍କୁ ଲକ୍ଷ୍ମଣନାୟକ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ପୁଲିସ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ସୁପ୍ରିମକୋର୍ଟଙ୍କ ରାୟ ପ୍ରସଙ୍ଗ : ଜୋତା ପଲିସ୍ କରି ଜୋରିମାନା ଅର୍ଥ ସଂଗ୍ରହ କଲେ ପିକୁ

ପୁରୀ, (ପି.ଏନ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ ପରେ ସାରା ରାଜ୍ୟରୁ ପ୍ରତିକ୍ରିୟା ଆସୁଛି । ଆବେଦନକାରୀଙ୍କୁ ଏକ ଲକ୍ଷ ଟଙ୍କାର ଜୋରିମାନାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଜଗନ୍ନାଥ ପ୍ରେମୀ। ଜୋରିମାନାର ଅଂଶୀଦାର କେବଳ ଦୁଇ ଆବେଦନକାରୀ ନୁହଁନ୍ତି ବରଂ ସ୍ୱର ଉତ୍ତୋଳନ କରୁଥିବା ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ ହୋଇଛି ବୋଲି ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ (ପିକୁ ) କହିଛନ୍ତି । ତେଣୁ ଜୋରିମାନା ଟଙ୍କାକୁ ଯୋଗାଡ଼ କରିବା ପାଇଁ ଲାଗି ପଡ଼ିଛନ୍ତି ଅଗଣିତ ଜଗନ୍ନାଥ ପ୍ରେମୀ। ଆଜି ପୁରୀ କଚେରୀ ସମ୍ମୁଖରେ ଜଗନ୍ନାଥ ସେନା ପକ୍ଷରୁ ଏକ ଅଭିନବ ଉପାୟରେ ଟଙ୍କା ଯୋଗାଡ କରିବାର ଚିତ୍ର ଦେଖିବାକୁ ମିଳିଛି । କଚେରୀ ସମ୍ମୁଖରେ ଜଗନ୍ନାଥ ସେନା ଆବାହକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଜୋତା ପଲିସ୍ କରି ଟଙ୍କା ଯୋଗାଡ କରୁଥିବାର ଚିତ୍ର ଚର୍ଚାକୁ ଆସିଛି । ଟଙ୍କାଟିଏ ଟଙ୍କାଟିଏ କରି ଯୋଗାଡ ଅର୍ଥରେ ଜୋରିମାନା ଦିଆଯିବ । ଏ ଜୋରିମାନା ସବୁ ଜଗନ୍ନାଥ ପ୍ରେମୀଙ୍କୁ ହୋଇଛି । ଏଣୁ ସମସ୍ତେ ଏଥିରେ ସାମିଲ ହୁଅନ୍ତୁ ବୋଲି ଶ୍ରୀ ପଟନାୟକ ଆହ୍ୱାନ ଦେଇଛନ୍ତି । ଏହା ସହ ସୁପ୍ରିମକୋର୍ଟଙ୍କ ରାୟରେ ସେ ମର୍ମାହତ ବୋଲି କହିଛନ୍ତି । ଅନ୍ୟପଟରେ ଜଗନ୍ନାଥ ପ୍ରେମୀଙ୍କର ବିଜୟ ହୋଇଛି । ରାଜ୍ୟ ସରକାର ଆଉ କୌଣସି ବେଆଇନ କାର୍ଯ୍ୟ କରିବେ ନାହିଁ ବୋଲି ସୁପ୍ରିମକୋର୍ଟରେ କହିଛନ୍ତି । ପ୍ରକଳ୍ପ ଅନ୍ତର୍ଗତ ଅଭ୍ୟର୍ଥନା ଗୃହକୁ ୧୦୦ ମିଟର ବାହାରକୁ ଘୁଂଚାଯାଇଛି । ଏଥି ସହିତ ଶୌଚାଳୟ, ଇଲେକ୍ଟ୍ରିକାଲ୍ ରୁମ୍ ବ୍ୟତୀତ କୌଣସି ବଡ ନିର୍ମାଣ ଆଉ ହୋଇପାରିବନାହିଁ । ଯାହା ସମସ୍ତ ଜଗନ୍ନାଥ ପ୍ରେମୀ ଚାହୁଁଥିଲେ । ତେଣୁ, ପ୍ରକାରାନ୍ତରେ ଏ ବିଜୟ ସରକାରଙ୍କର ନୁହଁ ବରଂ ଜଗନ୍ନାଥ ଓ ଜଗନ୍ନାଥ ପ୍ରେମୀଙ୍କର ବୋଲି ଶ୍ରୀ ପଟ୍ଟନାୟକ ମତ ରଖିଛନ୍ତି ।

## ପୌରସଦନ ହଲ୍ ଭଡ଼ା କମାଅ -ଆପ୍

ପୁରୀ, (ପି.ଏନ): ଦୀର୍ଘଦିନ ଧରି ପୁରୀରେ ପୌରପାଳିକା ନିର୍ବାଚନ ହେଉନାହିଁ । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପୌରପାଳିକାରେ ବିଭିନ୍ନ ପ୍ରକାର ନିଷ୍ପତି ନିଆଯାଉଛି, ପୁରୀ ବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଉ ନାହିଁ । ବର୍ତମାନ ପୁରୀ ପୌରସଦନ ଶୀତତାପନିୟନ୍ତ୍ରିତ ହେବାପରେ ପ୍ରାୟ ୫ ଗୁଣ ଦର ବୃଦ୍ଧି ହୋଇ ୨୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ପୁରୀର ବିଭିନ୍ନ ବେସରକାରୀ ସଙ୍ଗଠନ ପାଇଁ ଧାର୍ଯ୍ୟ ହୋଇଥିବା ବର୍ଦ୍ଧିତ ଦର ଦେଇ କୌଣସି ସାଂସ୍କୃତିକ ବା ସାଂଗଠନିକ କାର୍ଯ୍ୟକ୍ରମ କରିବା ଏକ ପ୍ରକାର ଅସମ୍ଭବ ହୋଇପଡିଛି । ଆଗକୁ ପୌର ନିର୍ବାଚନ ହୋଇ ଜନପ୍ରତିନିଧି ନିର୍ବାଚିତ ହୋଇ ପୁରୀ ବାସୀଙ୍କ ମତାମତ ନେବା ପର୍ଯ୍ୟନ୍ତ ବର୍ତମାନ ଦରକୁ ହ୍ରାସ କରିବା ଦାବିରେ ଆମ୍ ଆଦ୍ମୀ ପାର୍ଟି (ଆପ) ଯୁଥ୍ ୱିଙ୍ଗ ତରଫରୁ ପୁରୀ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଥିଲା । ଆପ କର୍ମୀମାନେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଯଥାଶୀଘ୍ର ନୋ ପ୍ରଫିଟ ନୋ ଲସ ହିସାବରେ ଦର କମ୍ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ।ଏହି ବିରୋଧ ପ୍ରଦର୍ଶନରେ ଜିଲ୍ଲା ଯୁବ ସଭାପତି ଅଂଶୁମାନ ଶତପଥୀଙ୍କ ନେତୃତ୍ୱରେ ସୁଧାଂଶୁ ଶେଖର ନାଏକ, ସୁନୀଲ ଜେନା, ରାକେଶ କୁମାର ନନ୍ଦ, ଅନିଲ କୁମାର ସେନାପତି, ଚିନ୍ମୟୀ ରଥ, ପାର୍ବତୀ ପ୍ରଧାନ, ଅଜୟ କୁମାର ନାୟକ, ରଞ୍ଜନ କୁମାର ପ୍ରଧାନ, ଏସ. ନାରାୟଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ସାମ୍ବାଦିକ ସୁଧୀର ମିଶ୍ର ପାଇଲେ ପ୍ରକୃତି ମିତ୍ର ସମ୍ମାନ

ବଲାଙ୍ଗିର, (ପି.ଏନ) : ସାମ୍ବାଦିକ ସୁଧୀର ମିଶ୍ର ପାଇଲେ ପ୍ରକୃତି ମିତ୍ର ସମ୍ମାନ । ପରିବେଶ ସୁରକ୍ଷା ପାଇଁ ସେ ପ୍ରାୟ ୧୦ ବର୍ଷରୁ ଉଦ୍ୟମରତ । ବଲାଙ୍ଗୀର ସହର ମଧ୍ୟରେ ଥିବା ପୁରୁଣା ଗଛ ଗୁଡ଼ିକ ରାସ୍ତା ପ୍ରଶସ୍ତିକରଣ ଯୋଗୁଁ କଟା ଯାଉଥିବା ବେଳେ, ସେ ଏହାର ବିରୋଧ କରି ତା' ଦ୍ୱାରା କଣ କ୍ଷତି ହେବ କହିଥିଲେ । ବଲାଙ୍ଗୀର ସହର ଉପକଣ୍ଠରେ ମିନି ହରିଶଙ୍କର ଝରଣା ସ୍ଥଳ ଲୋକ ଲୋଚନକୁ ଆସିବା ପରେ, ସେଠାକୁ ଅନେକ ଲୋକ ଯାଇ ମଦ୍ୟପାନ କରି ପରିବେଶ ଦୂଷିତ କରିବା ସହିତ ବନ୍ୟଜନ୍ତୁ ସୁରକ୍ଷା ପାଇଁ ତତ୍କାଳୀନ ରେଞ୍ଜ ଅଫିସର, ଡି.ଏଫ.ଓ. ସହିତ ଆଲୋଚନା କରିଥିଲେ । ଫଳରେ ସେଠାରେ ଏକ ଚେକ ଗେଟ ସ୍ଥାପନ ଫଳରେ, ଜଙ୍ଗଲ ଭିତରକୁ ଅନିୟନ୍ତ୍ରିତ ଲୋକଙ୍କ ଯିବା ବନ୍ଦ ହେଲା ଏବଂ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷିତ ଭାବରେ ରହିଲେ । ଏତଦ ବ୍ୟତୀତ ବଲାଙ୍ଗିରର ଜଳାଶୟ ମାନଙ୍କରେ ବିଦେଶୀ ପକ୍ଷୀ ମାନଙ୍କୁ ମାରି ଦେଉଥବା ଯୋଗୁଁ ଉଦବେଗ ପ୍ରକାଶ କରି ବଲାଙ୍ଗୀର ଡିଏଫଓଙ୍କ ସହିତ ଆଲୋଚନା କରି ସେଠାରେ ଜଙ୍ଗଲ ବିଭାଗ ତରଫରୁ ପାଟ୍ରୋଲିଂ ବ୍ୟବସ୍ଥା କରି ବିଦେଶରୁ ଆସୁଥିବା ପକ୍ଷୀ ମାନଙ୍କ ସୁରକ୍ଷା କରିଥିଲେ । ସର୍ବୋପରି, ସାମ୍ବାଦିକ ସୁଧୀର ମିଶ୍ର, ୨୦୧୦ ମସିହାରୁ ଜଙ୍ଗଲ ନିଆଁ ଏବଂ ତାର ଭୟାବହତା ପ୍ରସଙ୍ଗକୁ ଲୋକଲୋଚନକୁ ଆଣିବା ସହିତ ନିଜ ଉଦ୍ୟମରେ ବିଭିନ୍ନ ଗ୍ରାମକୁ ଯାଇ ଜଙ୍ଗଲ ନିଆଁ ଉପରେ ଲୋକଙ୍କୁ ସଚେତନତା କରିବା ସହିତ ବନ୍ୟଜନ୍ତୁ ସୁରକ୍ଷା ଓ ପରିବେଶ ସୁରକ୍ଷା ଦିଗରେ ଉଦ୍ୟମ କରି ଆସୁଛନ୍ତି ।

## ମନ୍ତ୍ରୀଦ୍ୱୟଙ୍କୁ ସ୍ୱାଗତ ଓ ଅଭିନନ୍ଦନ - କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ

କେନ୍ଦ୍ରାପଡ଼ା, ୬।୬: ଚଳିତ ମନ୍ତ୍ରୀମଣ୍ଡଳ ସଂପ୍ରସାରଣରେ କେନ୍ଦ୍ରାପଡା ଜିଲ୍ଲାରୁ ପ୍ରତାପ ଦେବ ଏବଂ ଅତନୁ ସବ୍ୟସାଚୀ ନାୟକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀପଦ ପାଇଥିବାରୁ କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ ପକ୍ଷରୁ ସ୍ୱାଗତ ଓ ଅଭିନନ୍ଦନ । ସ୍ୱର୍ଗତ ବିଜୁପଟ୍ଟନାୟକଙ୍କ ଜନତାଦଳ ସରକାରରେ ୩ ଜଣ ପ୍ରମୁଖ ମନ୍ତ୍ରୀ ସମଗ୍ର ରାଜ୍ୟ ରାଜନୀତିକୁ ନିୟନ୍ତ୍ରଣ କରୁଥିଲେ । ତତ୍କାଳୀନ ସମୟରେ କେନ୍ଦ୍ରାପଡା ଜିଲ୍ଲାର ଆଶାନୁରୂପ ଉନ୍ନତି ହୋଇପାରିଲା ନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡାର ବିକାଶ ମୋର ଦାୟିତ୍ୱ ବୋଲି ଘୋଷଣା କରିଥିଲେ । ଉନ୍ନତିର ନିଦର୍ଶନ ସ୍ୱରୂପ ମହାଭୋଇ ପୋଖରୀର ସୌନ୍ଦର୍ଯ୍ୟକରଣ, ବଳଦେବ ମନ୍ଦିରର ଉନ୍ନତି ଏବଂ ଗୋବରୀ ନଦୀର ଜଳ ନିଷ୍କାସନ ସହ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଅର୍ଥ ବ୍ୟବସ୍ଥା କରିଛନ୍ତି । ଯାହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ । ରାଜ୍ୟରେ ଆମ ଜିଲ୍ଲା ସବା ତଳେ ସ୍ଥାନିତ । ସଂଗଠନ ପକ୍ଷରୁ ମନ୍ତ୍ରୀ ଦ୍ୱୟଙ୍କୁ କେନ୍ଦ୍ରାପଡାରେ ଏକ ମେଡିକାଲ କଲେଜ ସ୍ଥାପନା ପାଇଁ ବର୍ତ୍ତମାନର ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଉପସ୍ଥିତିରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । କେନ୍ଦ୍ରାପଡା ଜିଲ୍ଲା ଏକ କୃଷିଭିତ୍ତିକ ଜିଲ୍ଲା ହୋଇଥିବାରୁ ଭିତ୍ତିଭୂମି ବିକାଶ ଯଥା ଜଳସେଚନ, ଜଳ ନିଷ୍କାସନ, ଗୋଦାମ ଘର, ଶୀତଳ ଭଣ୍ଡାର ପ୍ରତିଷ୍ଠା ଏବଂ ତିନିମୁହାଣୀ ଶିଳ୍ପାଞ୍ଚଳର ପୁନରୁଦ୍ଧାର, ବଳଦେବଜୀଉ ପାୱାରଲୁମ୍ କାର୍ଯ୍ୟକାରୀ କରିବା ସହିତ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା, ବିଶ୍ୱବିଦ୍ୟାଳୟ ଏବଂ ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଓୟୁଏଟିର ଦ୍ୱିତୀୟ କ୍ୟାମ୍ପସ୍ ପ୍ରତିଷ୍ଠା ଆଦି କାର୍ଯ୍ୟକାରୀତା ଉପରେ ଗୁରୁତ୍ୱାରୋପ କରାଯିବାକୁ ଦାବି କରାଯାଇଛି । ପାରାଦୀପ ଠାରୁ ହରିଦାସପୁର ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ରେଲପଥରେ ଯାତ୍ରୀବାହୀ ଟ୍ରେନ୍ ପ୍ରଚଳନ ହେଉ । ଅଭିଜ୍ଞ ବିଧାୟକ ଶଶୀଭୂଷଣ ବେହେରା ଏବଂ ଧ୍ରୁବ ଚରଣ ସାହୁ ମିଳିତ ଭାବେ ବିଚାର ବିମର୍ଷ କରି ଜିଲ୍ଲାର ସାମଗ୍ରିକ ବିକାଶକୁ ଆଗେଇ ନେବାକୁ କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟର ସଂପାଦକ ଅଧ୍ୟାପକ ଅଜୟ ସାମଲ ଆବେଦନ କରିଛନ୍ତି ।


# OFFICE OF THE NOTIFID AREA COUNCIL, BINKA

Dist: Subarnapur

Email id :nacbinka@gmail.com
Phone/Fax ; 06654-241113

**Letter No.1351 Date : 25.05.2022**

Sealed quotations are invited from the intending persons/firm manufactures authorized dealers, in the prescribed Performa, having update GST, Income Tax clearance & all other document for the specified group mentioned below. The quotation paper & details are available in Dist website ie.www.subarnapur.nic.in and NAC Binka website i.e. binkanac.in during the period from 26.05.2022 to 09.06.2022. The quotationers shall have to deposit the paper cost & EMD for each group separately in shape of Demand Draft in favour of E.O. NAC, Binka payable at Binka as per the quotation scheduled. The quotationers are advised to furnish the experience certificate with the quotation paper showing similar nature of work order. The quotation should be reached before the undersigned by 10.06.2022 up to 3.00 pm though registered post/Drop box at O/O Executive officer and the quotations shall be opened on the same day at 4.00 pm in the presence of quotationers or their autorised representatives. Final selection of bid shall be made on the basis of the lowest price as well as quality of the products quoted by the bidder including all Taxes.

The undersigned reserves the right to reject whole or part of the quotation without assigning any reason thereof .

**Group : A** **Supply & Installation of light posts in Park /Crematorium & other Places**
1. Valid Electrical Licence from proper Authority
2. Sample with Photograph mentioning Model &Company

**Group : B** **Gardening Articles in Park /Crematorium & other Places**
1. Experience Certificate in growing grass / Tree etc.

**Group : C** **Fountain for Garden**
1. Make & Model
2. Sample Photo (High Resolution)
3. Electrical Licence

**Group : D** **Supply & installation of Fiber letter with required Lighting**
1. Experience Certificate
2. Size of the Letter & Price to be quoted per letter

**Group : E** **Supply of Auto Tipper, Water Tanker & Tractor**
1. Make & Model of Company
2. Certificate regarding Authorised dealer

**Group : F** **Freezer Machine, Air Cooler-1.5. ton (Voltas)**
1. Make a model of 40 liters
2. Certificate regarding Authorised dealer

Executive Officer
Notified Area Council, Binka




ପର୍ଯ୍ୟବେକ୍ଷକ
PARYABEKHYAK





Bhubaneswar Tuesday June 07, 2022 ଭୁବନେଶ୍ୱର ମଙ୍ଗଳବାର, ଜୁନ ୦୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ପୁରାତନ ଛାତ୍ର ସଂସଦ ପାଳିଲେ ବିଶ୍ୱ ପରିବେଶ ଦିବସ

ଖୋର୍ଦ୍ଧା, ୬/୬(ପିଏନ): ବୋଲଗଡ ସଦର ମହକୁମାସ୍ଥିତ ପରମାନନ୍ଦ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି । ଏ ନେଇ ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀଙ୍କ ଗହଣରେ ଔଷଧୀୟ ଚାରା ସମେତ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିବା ପରେ ଏକ ଆଲୋଚନା ଚକ୍ର ଓ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଏଥିରେ ପରମାନନ୍ଦ ମହାବିଦ୍ୟାଳୟର ପ୍ରଫେସର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ ପୁରାତନ ଛାତ୍ର ମାନଙ୍କୁ ସାମିଲ କରିବା ସମ୍ପର୍କରେ ଅବଗତ କରାଇଥିଲେ ।ସଭାର ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନେ ପରିବେଶ ସଚେତନତାଧର୍ମୀ ସଙ୍ଗୀତ ଗାନ କରିଥିବା ବେଳେ ସଭାପତି ଅଂଶ ଗ୍ରହଣକାରୀଙ୍କୁ ପରିବେଶ ସମ୍ବନ୍ଧୀୟ ଶପଥ ପାଠ କରିଥିଲେ । ପରେ ଛାତ୍ର ପ୍ରକାଶ କୁମାର ପରିଡା,ଶୁଭ୍ରାଂଶୁ ଶେଖର ରଣସିଂହ,ପ୍ରଭାସ କୁମାର ଓଝା,ଛାତ୍ରୀ ଇତିଶ୍ରୀ ପ୍ରଧାନ,କଲ୍ୟାଣୀ ବେହେରା,ଅଦ୍ୟାଶା ପ୍ରିୟଦର୍ଶିନୀ ,ପ୍ରଜ୍ଞା ପାରମିତା ପ୍ରିୟଦର୍ଶିନୀ,ମାନୀ ସୁବୁଦ୍ଧି ଓ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ପ୍ରମୁଖ ପରିବେଶ ସମ୍ବନ୍ଧୀୟ କବିତା ପାଠ କରିଥିଲେ । ଏଥିରେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ର ଅବସରପ୍ରାପ୍ତ ଆସୋସିଏଟ ପ୍ରଫେସର ଡଃ ସୁନନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି,ଓ ବୋଲଗଡ ବନପାଳ ପ୍ରଦୀପ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅସନ୍ତୁଳିତ ପରିବେଶ ମାନବ ସମାଜର ସମୃଦ୍ଧିରେ ମୁଖ୍ୟ ପ୍ରତିବନ୍ଧକ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ଗୌରାଙ୍ଗ ଚରଣ ଚମ୍ପତି ,ସମ୍ପାଦକ ଦିଲ୍ଲୀପ କୁମାର ଦତ,କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ଓ ବରିଷ୍ଠ ସଭ୍ୟ ବିଭୁରଞ୍ଜନ ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହ ଯୋଗ କରିଥିଲେ । ଶେଷରେ ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାରବାଟି ଛକ ନିକଟରେ ଦୁର୍ଘଟଣା, ଭାଇ ଭଉଣୀ ମୃତ

ଧର୍ମଶାଳା,୬।୬(ପିଏନ୍):ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ବାରବାଟୀ ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା। ଏଥିରେ ଭାଇ ଓ ଭଉଣୀ ଦୁହିଁଙ୍କର ମୃତ୍ୟୁ ଘଟିଛି। ସୂଚନା ମୁତାବକ କୁଆଖିଆ ଥାନା ପ୍ରଥମାଖଣ୍ଡ ପଂଚାୟତ ଦମୋଦରପୁର ଗ୍ରାମର ପ୍ରତାପ ଲେଙ୍କାଙ୍କ ପୁଅ ରଂଜିତ (୨୨) ଓ ଆଶିଷ ଲେଙ୍କାଙ୍କ ଝିଅ ଶୁଭ୍ରା ସମ୍ଭାବନା (୧୪) ଦୁହେଁ ଏକ ସ୍କୁଟି ଯୋଗେ ଆଜି ଜାରକାରୁ ଘରକୁ ଫେରୁଥିବା ସମୟରେ ବାରବାଟୀ ଛକ ନିକଟରେ ଏକ ଟ୍ୟାଙ୍କର (ନଂ ଓଡି ୦୫ ବିଏ ୮୯୭୮) ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଶୁଭ୍ରା ସମ୍ଭାବନାଙ୍କର ମୃତ୍ୟୁ ଘଟିଥିବା ବେଳେ ରଂଜିତଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ କଟକ ବଡ ମେଡିକାଲ ନେବା ବାଟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଉଭୟ ସଂପର୍କୀୟ ଭାଇ ଭଉଣୀ ବୋଲି ଜଣାପଡିଥିବା ବେଳେ ମୃତ ଶୁଭ୍ରା ସମ୍ଭାବନା ଜାରକା ଆଦର୍ଶ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ଥିଲେ। ଖବର ପାଇ ଧର୍ମଶାଳା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ୩୨୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଦୁର୍ଘଟଣା ଘଟାଇ ଚମ୍ପଟ ମାରିଥିବା ଗାଡିକୁ ପୋଲିସ ପାଣିକୋଇଲି ନିକଟରୁ ଜବତ କରି ଡ୍ରାଇଭରକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।

## ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ ଜୟନ୍ତୀ ପାଳିତ





ଭୁବନେଶ୍ୱର, ୬।୬(ପି.ଏନ): ଓଡ଼ିଆ ଭାଷାକୁ ଜ୍ଞାନର ଭାଷାରେ ପରିଣତ କରିଥିଲେ ବିନୋଦ କାନୁନ୍‌ଗୋ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜ୍ଞାନତପସ୍ୱୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବକାଶରେ ବିଶିଷ୍ଟ ବକ୍ତାମାନେ ଏହି ମତ ପୋଷଣ କରିଛନ୍ତି।୦୬ ଜୁନ୍ ୨୦୨୨ ସୋମବାର ଅପରାହ୍ଣ ୫.୦୦ ଘଟିକାରେ ଭୁବନେଶ୍ୱରସ୍ଥ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏଥିରେ ବିଶିଷ୍ଟ କବି ଓ ସମାଲୋଚକ ଡକ୍ଟର ଭଗବାନ ଜୟସିଂହ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦୋଷ ପଟ୍ଟନାୟକ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ଜ୍ଞାନତପସ୍ୱୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ବହୁଖୀ ପ୍ରତିଭ ସମ୍ପର୍କରେ ଆଲୋଚନା କରିଥିଲେ। ଏକାଡେମୀର ସଭାପତ ଡକ୍ଟର ହୃଷୀକେଶ ମଲ୍ଲିକ ଉତ୍ସବରେ ପୌରୋହିତ୍ୟ କରି କହିଥିଲେ ଯେ ବିନୋଦ କାନୁନ୍‌ଗୋ ଥିଲେ ଜ୍ଞାନ ଓ ବିନୟର ମୂର୍ତ୍ତିମନ୍ତ ଅବତାର। ତାଙ୍କ ବିବେଚନାରେ ଯେଉଁ ଭାଷା ଜ୍ଞାନର ଭାଷା ହେବାକୁ ଅସମର୍ଥ, ସେ ଭାଷା ଆଦୌ ଭାଷା ପଦବାଚ୍ୟ ନୁହେଁ।ଏକାଡେମୀର ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏକାଡେମୀର ଉପସଭାପତି ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବହୁ ବିନୋଦପ୍ରେମୀ ଜ୍ଞାନୀ ଗୁଣ ସାହିତ୍ୟିକ ଉପସ୍ଥିତ ଥିଲେ।

## ଗୋବିନ୍ଦପୁରରେ ଶିତଳ ଷଷ୍ଠୀ ମହୋତ୍ସବ ଆରମ୍ଭ

ଖୋର୍ଦ୍ଧା,୬/୬(ପିଏନ): ବେଗୁନିଆ ବ୍ଲକ ବଡବେରଣା ପଂଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଶିତଳ ଷଷ୍ଠୀ ପର୍ବ ଉପଲକ୍ଷେ ମହୋତ୍ସବର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଏକ ମେଲୋଡି ଗ୍ରୁପ ସହ ଚଳଚ୍ଚିତ୍ର ତାରକା ପପୁ ପମପମ ଯୋଗ ଦେଇଥିଲେ । ଏ ନେଇ ସଭାପତି ସରୋଜ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସ୍ଥାନୀୟ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ମୁଖ୍ୟ ଅତିଥି,ଶ୍ୟାମ ଷ୍ଟିଲର ରାଜ୍ୟର ମୁଖ୍ୟ ଅଭିଜିତ ବୋଷ ମୁଖ୍ୟ ବକ୍ତା,ରିଜିଓନାଲ ମ୍ୟାନେଜର ବିଶ୍ୱଜିତ ସରକାର,ଦି ଗ୍ରେଟ ପଲଟିକାଲ ସର୍କସର ସଚ୍ଚି ଓ ସତ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଦୁଦୁଲି,ଓଡିଶୀ ନୃତ୍ୟ,ଅଁଳେଇ ପାଇକ ଆଖଡା ଓ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ସମେତ ଅଂଶ ଗ୍ରହଣ କରି ଦର୍ଶକ ମାନଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇ ଥିଲେ ।

## ପଥର ବୋଝେଇ ଟ୍ରକ ଜବତ, ଦୁଇ ଚାଳକ ଗିରଫ

ଖୋର୍ଦ୍ଧା,୬/୬(ପିଏନ):ବେଗୁନିଆ ଥାନା ଅନ୍ତର୍ଗତ ଦେଉଳୀ ପଂଚାୟତର କାଲୁଚୁଆ ମୁଣ୍ଡିଆରୁ ବେଆଇନ ଭାବେ ଦୁଇଟି ପଥର ଟ୍ରକ ବୋଝେଇ କରି ଚୋରା ଚାଲାଣ କରୁଥିବାର ଖବର ପୋଲିସ ପାଖରେ ପହଂଚିଥିଲା । ଏଥିରେ ପୋଲିସ ଗଡମାଣିତୀର ନିକଟରୁ ପଥର ଗାଡି ଦୁଇଟିକୁ ଜବତ କରି ନିଜ ହେପାଜତକୁ ଆଣିଥିଲା । ଏ ନେଇ ଏକ କେସ ରୁଜୁ କରାଯାଇ ଉଭୟ ଗାଡିର ଚାଳକ ରଶ୍ମିର ରଞ୍ଜନ ରାଉତ(୨୨) ଓ ପ୍ରସନ୍ନ ପ୍ରଧାନ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଭାରତୀୟ ଚାର୍ଟାଡ୍ ଆକାଉଟାଂଟ୍ ପରିଷଦର ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ





ଭୁବନେଶ୍ୱର,(ପି.ଏନ):ଆଜି ଭାରତୀୟ ଚାର୍ଟାଡ୍ ଆକାଉଟାଂଟ୍ ପରିଷଦର ପ୍ରଫେସନାଲ୍ ଡେଭଲପ୍‌ମେଂଟ୍ କମିଟି ଦ୍ୱାରା ଆୟୋଜିତ ଓ କଟକ ଶାଖା ଦ୍ୱାରା ପରିଚାଳିତ ଏକ ଦୁଇ ଦିନିଆ ସମ୍ମିଳନୀ ପାହାଳସ୍ଥିତ ପାଲହାଇଟ୍ ମଣ୍ଡଠାରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଜାତୀୟ ସମ୍ମିଳନୀରେ ସଂପ୍ରତି ଜିଏସ୍‌ଟି ଆଇନ୍ ଓ ଏହାର ବର୍ତମାନ ପରିସ୍ଥିତି, କ୍ଷୁଦ୍ର ଓ ବୃହତ ଶିଳ୍ପ ପାଇଁ ଶିଳ୍ପନୀତି, ନୂତନ ଯାନ୍ତ୍ରିକ ବିଜ୍ଞାନର ବ୍ୟବହାର ଓ ବିତ ବିବରଣୀର ଅନିୟମତା ଉପରେ ଆଲୋଚନା କରାଯାଇଥିଲା । ଏହି ସମ୍ମିଳନୀରେ ମୁଖ୍ୟ ଆଲୋଚକ ଭାବେ ସ୍ୱତନ୍ତ୍ର ଜିଏସ୍‌ଟି କମିଶନର ପ୍ରମୋଦ କୁମାର ମହାନ୍ତି, ଦିଲ୍ଲୀର ରୋହିଣୀ ଅଗ୍ରୱାଲ,ସୌର୍ଯ୍ୟ ପ୍ରକାଶ ମହାପାତ୍ର, ଡକ୍ଟର ସଚିକାନ୍ତ କର, ପୂର୍ବାଂଚଳ ପରିଷଦର ସମ୍ପାଦକ ସଂଜୀବ ସାନଘି, ବେଙ୍ଗାଲୁରର ଗୁରୁ ପ୍ରସାଦ ମକାମ, ନାଲ୍‌କୋର ଭରତ କୁମାର ସାହୁ ଏବଂ ଚେନ୍ନାଇର ଏମ୍. ପି ବିଜୟ କୁମାର ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଶାଖା ତରଫରୁ ସଭାପତି ରାକେଶ ପାତ୍ର ଓ ପରିଚାଳନା କମିଟିର ସଭାପତି ଲଳାଟେନ୍ଦୁ ସାହୁ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଚାର୍ଟାଡ୍ ଆକାଉଟାଂଟ୍‌ମାନଙ୍କୁ ଧନ୍ୟବାଦ ଦେଇଥିଲେ ।

## ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ : ୬୦୦ ଚାରା ରୋପଣ

ପାରାଦୀପ,(ପି.ଏନ): ଦେଶର ଅଗ୍ରଣୀ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସୋମବାର ଦିନ ଏକ ସମାରୋହ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ଆୟୋଜିତ ହୋଇଥିଲା। ଏହି ଭବ୍ୟ ସମାରୋହରେ ଇଫକୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ କେ.ଜେ.ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପରିବେଶକୁ ରକ୍ଷା କରିବା ପାଇଁ ହେଲେ ବ୍ୟାପକ ବୃକ୍ଷରୋପଣ କରିବାକୁ ନିବେଦନ କରିଥିଲେ । ଏହି ଅବସରରେ ଇଫକୋର କର୍ମଚାରୀ,ବରିଷ୍ଠ ଅଧିକାରୀ, ଅଫିସର୍ସ ଆସୋସିଏସନ୍ ଓ ଇଫକୋ କର୍ମଚାରୀ ସଂଘର ସଦସ୍ୟମାନେ ଯୋଗ ଦେଇ ବାୟୋ ଫର୍ଟିଲାଇଜର ନିକଟରେ ୬୦୦ ଚାରା ରୋପଣ କରିଥିଲେ । ପ୍ରକାଶଥାଉକି, ୧୯୭୪ ମସିହା ଠାରୁ ସମଗ୍ର ବିଶ୍ୱ ରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଆସୁଛି । ଚଳିତ ବର୍ଷରେ ଇଫକୋ ପରିସରେ ୪୦ ହଜାର ଚାରା ରୋପଣ କରାଯିବ ବୋଲି ଇଫକୋର ସହକାରୀ ପରିଚାଳକ(ପ୍ରଶାସନ) ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି । ସୂଚନାଥାଉକି, ପାରାଦୀପର ପାରିପାର୍ଶ୍ୱିକ ଅଂଚଳରେ ଉନ୍ନୟନ ଏବଂ ପରିବେଶ ସୁରକ୍ଷା ନିମନ୍ତେ ବ୍ୟାପକ ବୃକ୍ଷରୋପଣ କ୍ଷେତ୍ରରେ ଇଫକୋ ସର୍ବାଗ୍ରେ ରହିଛି । ବର୍ଷତମାମ୍ ସ୍ଥାନୀୟ ଅଂଚଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକାଭୀମୁଖି କାର୍ଯ୍ୟ କରି ଇଫକୋ ଉଚ୍ଚ ପ୍ରଶଂସିତ ହୋଇଛି । ଏତଦ୍‌ବ୍ୟତିତ ଇଫକୋର ଜ୍ୟୋତି ଲେଡିଜ୍ କ୍ଲବ୍ ପକ୍ଷରୁ ବିଭିନ୍ନ ସମୟରେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ୍ ଓ ହୁଇଲ୍ ଚେୟାର ପ୍ରଦାନ, ମହିଳା ସ୍ୱୟଂ ସହାୟକ ଦଳମାନଙ୍କୁ ପ୍ରୋତ୍ସାହନ, ସ୍କୁଲର ନବୀକରଣ, ଗରୀବ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟସାମଗ୍ରୀ ପ୍ରଦାନ ଇତ୍ୟାଦି କାର୍ଯ୍ୟମାନ କରି ଇଫକୋ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛି ।

## ପୋଲିସ୍‌ର ପକ୍ଷପାତିତା ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିଜେପିର ବିରୋଧ





ଧର୍ମଶାଳା,୬।୬(ପିଏନ୍): ଧର୍ମଶାଳା ପୋଲିସର ପକ୍ଷପାତିତା ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଛି ଧର୍ମଶାଳା ବିଜେପି। ଏନେଇ ଆଜି ଜାରକାସ୍ଥିତ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି ପୁଲିସର କାର୍ଯ୍ୟକଳାପକୁ ଦୃଢ ନିନ୍ଦା କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଗତ ମାସ ୨୬ତାରିଖରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହିଶରା ପଂଚାୟତ ରମ୍ଭେଇ ଗ୍ରାମରେ କିଛି ଯୁବକ ପାହାଡ ଓ ବେଆଇନ କ୍ରସରକୁ ନେଇ ଜଣେ କ୍ରସର ମ୍ୟାନେଜରଙ୍କୁ ଆକ୍ରମଣ କରିଥିଲେ। ସେହିଦିନ ଠାରୁ ପୋଲିସ କାହାରିକୁ ଗିରଫ କରିପାରିନଥିଲା। କିନ୍ତୁ ଗତକାଲି ସ୍ଥାନୀୟ ବିଧାୟକଙ୍କ ପ୍ରରୋଚନାରେ ଜେନାପୁର ପୁଲିସ ଧର୍ମଶାଳା ପୁଲିସର ସହଯୋଗରେ ଭାରତୀୟ ଜନତା ପାର୍ଟିର ଛାମୁଆଁ କର୍ମକର୍ତା ବିଭୂତି ଭୂଷଣ ଜେନା, ତପନ ରଂଜନ ମାହନ୍ତ, ଅର୍ଜୁନ ନାୟକ ଓ ତପନ ପରିଡାଙ୍କୁ ଏହି ଘଟଣାରେ ମିଥ୍ୟା ସଂପୃକ୍ତି ଦର୍ଶାଇ ରାତି ଅଧିଆ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଅଭିଯୋଗ କରିଛି। ଜେନାପୁର ପୁଲିସ ପ୍ରକୃତ ଦୋଷୀକୁ ଧରିନପାରି ବିଜେପିର ଆଗଧାଡିର କର୍ମକର୍ତାଙ୍କୁ ଗିରଫ କରିବା ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ପୁଲିସର ଦାଦାଗିରି ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସ୍ଥିର କରିଛି। ଜେନାପୁର ଥାନା ଅଧିନସ୍ଥ ବିଛାଖଣ୍ଡି ପାହାଡ ଲିଜ ପ୍ରକ୍ରିୟାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ବନ୍ଦ କରିଥିବା ବେଳେ ସରକାରୀ ଦଳର ନେତା ଓ କର୍ମୀଙ୍କ ପ୍ରରୋଚନାରେ ମାଫିଆମାନେ ବେଫିକର ଖନନ କାର୍ଯ୍ୟ ଜାରି ରଖିଛନ୍ତି। ଏକ୍ଷେତ୍ରରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ସେ ଅଭିଯୋଗ କରିଛନ୍ତି। ତେବେ ବେଆଇନ ଭାବେ ଭାରତୀୟ ଜନତା ପାର୍ଟିର ଛାମୁଆଁ କର୍ମୀଙ୍କ ଗିରଫଦାରୀକୁ ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି ଦୃଢ ବିରୋଧ କରିବା ସହ ଏହାର ଘୋର ନିନ୍ଦା କରିଛନ୍ତି। ଏହାକୁ ନେଇ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ଆନ୍ଦୋଳନକୁ ଓହ୍ଲାଇବା ସହ ଥାନା ଘେରାଉ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପହି ସୂଚନା ଦେଇଛନ୍ତି।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray